# ୨୬

# ଆଦ୍ୟ ବାଲ୍ୟାବସ୍ଥାରେ ବିକାଶର ଢାଞ୍ଚା
# DEVELOPMENTAL PATTERNS IN EARLY CHILDHOOD

ବହୁ କାଳରୁ ଗର୍ଭଧାରଣ ଠାରୁ ପୂର୍ଣ୍ଣ ବିକଶିତ ପ୍ରୌଢ ପର୍ଯ୍ୟନ୍ତ ମାନବ ବିକାଶ ସମ୍ପର୍କିତ ବିଷୟ ଲୋକମାନଙ୍କୁ ଆକର୍ଷିତ କରିଅଛି । ଏହି ଜ୍ଞାନ କେବଳ ନିଜ ସମ୍ପର୍କରେ ଜାଣିବା ପାଇଁ ଏକ ଉପଯୋଗ ମାଧ୍ୟମ ନୁହେଁ, ବରଂ ପିଲାମାନଙ୍କ ବିକାଶ ସମ୍ପର୍କରେ ଜାଣିବାର ଏକ ମାର୍ଗଦର୍ଶନ ।

## ଉଦ୍ଦେଶ୍ୟ

ଏହି ପାଠଟି ପଢିସାରିଲା ପରେ, ଆପଣ :

- ମାନବ ଜୀବନ କାଳର ସ୍ତର/ସୋପାନଗୁଡିକର ତାଲିକା ପ୍ରସ୍ତୁତ କରିପାରିବେ;
- ବିକାଶର ବିଭିନ୍ନ ପ୍ରକ୍ରିୟାଗୁଡିକର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିପାରିବେ;
- ବୃଦ୍ଧି ଓ ବିକାଶର ବିଭିନ୍ନ ଢାଞ୍ଚା ସମ୍ପର୍କରେ ବର୍ଣ୍ଣନା କରିପାରିବେ;
- ବିକାଶକୁ ପ୍ରଭାବିତ କରୁଥିବା ସାଧାରଣ ଉପାଦାନଗୁଡିକର ନାମ କହିପାରିବେ ଏବଂ
- ଆଦ୍ୟ ବାଲ୍ୟାବସ୍ଥାରେ ପିଲାର ବୈଶିଷ୍ଟ୍ୟଗୁଡିକ ଉଲ୍ଲେଖ କରିପାରିବେ ।

## ୨୬.୧ ଜୀବନ ଅବଧି ସ୍ତର (Stages of life spam)

ଯଦି ଆମେ ମାନବ ଜୀବନକାଳ/ ଅବଧି ସମ୍ପର୍କିତ ସ୍ତର ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିବା ତା'ହେଲେ ମାନବ ବିକାଶର ଧାରାକୁ ଉତ୍ତମ ରୂପେ ବୁଝିପରିବା । ମଣିଷର ଜୀବନକାଳ ନିମ୍ନଲିଖିତ ସୋପାନରେ ଭାଗ କରାଯାଇପାରେ ।

୧. ପ୍ରାକ୍-ପ୍ରସବ ପର୍ଯ୍ୟାୟ- ଗର୍ଭଧାରଣ ଠାରୁ ଜନ୍ମ ପର୍ଯ୍ୟନ୍ତ

୨. ନବଜାତ ପର୍ଯ୍ୟାୟ- ଜନ୍ମରୁ ୧ ମାସ ପର୍ଯ୍ୟନ୍ତ

୩. ଶୈଶବ - ଏକମାସରୁ ୨ ବର୍ଷ ପର୍ଯ୍ୟନ୍ତ

୪. ଆଦ୍ୟ ବାଲ୍ୟାବସ୍ଥା- ୨ରୁ ୬ ବର୍ଷ ପର୍ଯ୍ୟନ୍ତ

୫. ମଧ୍ୟ ବାଲ୍ୟାବସ୍ଥା- ୬ରୁ ୧୧ ବର୍ଷ ପର୍ଯ୍ୟନ୍ତ

୬. କୈଶୋର ଅବସ୍ଥା - ୧୧/୧୨ରୁ ୧୮/୧୯ ପର୍ଯ୍ୟନ୍ତ

୭. ଆଦ୍ୟ ପ୍ରୌଢ଼ାବସ୍ଥା - ୧୮/୧୯ରୁ ୪୦ ବର୍ଷ ପର୍ଯ୍ୟନ୍ତ

୮. ମଧ୍ୟ ବୟସ - ୪୦ରୁ ୬୦ ବର୍ଷ ପର୍ଯ୍ୟନ୍ତ

୯. ବୃଦ୍ଧ ଅବସ୍ଥା- ୬୦ ଏବଂ ତଦୁର୍ଦ୍ଧ୍ୱ

## ୨୬.୨ ବିକାଶର ଢାଞ୍ଚା

ବିକାଶର ବାସ୍ତବିକ ଅର୍ଥ ହେଉଛି ଅନେକ ଶାରୀରିକ, ସାମାଜିକ ଏବଂ ବୌଦ୍ଧିକ ପ୍ରକ୍ରିୟା ମାଧ୍ୟମରେ ସଂଘଟିତ ହେଉଥିବା ଜଟିଳ ପ୍ରତିକ୍ରିୟାଗୁଡ଼ିକର ଫଳାଫଳ ।

### ୧. ଶାରୀରିକ (ଜୈବିକ) ପ୍ରକ୍ରିୟା

ବ୍ୟକ୍ତିର ଚେହେରାର ପରିବର୍ତ୍ତନ ପ୍ରାକୃତିକ । ଏହି ପ୍ରକ୍ରିୟା ଶାରୀରିକ ପରିବର୍ତ୍ତନ ସହ ସମ୍ପୃକ୍ତ । ଆମର ଅନୁବଂଶିକ ଐତିହ୍ୟ, ଶରୀରର ଅଙ୍ଗପ୍ରତ୍ୟଙ୍ଗର ବୃଦ୍ଧି, କ୍ରିୟାତ୍ମକ କୌଶଳ ଯଥା ସାଇକେଲ ଚାଳନା, ଗାଡ଼ିଚାଳନା, ଲିଖନ ଆଦି କାର୍ଯ୍ୟରେ ନିପୁଣତା ହାସଲ କରିବା, ଜୀବରସର ପରିବର୍ତ୍ତନ ଯଥା ନିଶଦାଢ଼ି ଉଠିବା, ଯୌନପ୍ରାପ୍ତିର ଓଜନର ବୃଦ୍ଧି ଘଟିବା ଆଦି ବିକାଶରେ ଜୈବିକ ପ୍ରକ୍ରିୟାଗୁଡ଼ିକର ଭୂମିକା ପ୍ରତିଫଳିତ ହୁଏ ।

### ୨. ବୌଦ୍ଧିକ ପ୍ରକ୍ରିୟା

ଏହି ପ୍ରକ୍ରିୟାଗୁଡ଼ିକ ଶିଶୁର ଚିନ୍ତନ, ଜ୍ଞାନ ଏବଂ ଭାଷା ସହ ସମ୍ପୃକ୍ତ । ପ୍ରତ୍ୟକ୍ଷଜ୍ଞାନ, ମନଯୋଗ, ବିସ୍ମରଣ, ଜ୍ଞାନଆହରଣ, ସମସ୍ୟା ସମାଧାନ, ବିଚାର, ସ୍ମରଣ, କଳ୍ପନା କରିବା ବୌଦ୍ଧିକ ପ୍ରକ୍ରିୟାଗୁଡ଼ିକୁ ଦର୍ଶାଏ ।

### ୩. ସାମାଜିକ ପ୍ରକ୍ରିୟା

ଏହି ପ୍ରକ୍ରିୟାଗୁଡ଼ିକ ଶିଶୁର ଅନ୍ୟମାନଙ୍କ ସହ ସମ୍ପର୍କ, ଭାବାବେଗ ଏବଂ ବ୍ୟକ୍ତିତ୍ୱ ସହ ସଂଶ୍ଳିଷ୍ଟ । ଏହାକୁ ମଧ୍ୟ ମନୋ-ସାମାଜିକ ପ୍ରକ୍ରିୟା ରୂପେ ନାମିତ କରାଯାଏ । ଶିଶୁର ପ୍ରଥମ ହସ, ମା' ଏବଂ ପିଲା ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟର ବନ୍ଧନ, ଅନ୍ୟମାନଙ୍କ ସହ ପିଲାମାନେ ସହଯୋଗ କରିବା ଶିଖିବା, ଖେଳରେ ପାଳିକରି ଖେଳିବା ଇତ୍ୟାଦି ସାମାଜିକ ପ୍ରକ୍ରିୟାଗୁଡ଼ିକୁ ଦର୍ଶାଏ । ପ୍ରେମ, ସ୍ନେହ, ଭଲମନ୍ଦ, ସହାନୁଭୂତିଶୀଳତା ସବୁଗୁଡ଼ିକ ମଧ୍ୟ ସାମାଜିକ ପ୍ରକ୍ରିୟା ଅଟେ ।

**ନିଜେ ଚେଷ୍ଟା କରନ୍ତୁ**

ଶିଶୁମାନଙ୍କ ଭିତରେ ୧୦ଟି ବୌଦ୍ଧିକ, ସାମାଜିକ ଏବଂ ଶାରୀରିକ (ଜୈବିକ) ପ୍ରକ୍ରିୟାର ତାଲିକା ପ୍ରସ୍ତୁତ କର ।

## ପାଠଗତ ପ୍ରଶ୍ନାବଳୀ ୨୬.୧

ନିମ୍ନଲିଖିତ ତଥ୍ୟଗୁଡ଼ିକ ମିଳାଅ

| I | II |
|---|---|
| (i) ନବଜାତ | (କ) ଉଚ୍ଚତା ବୃଦ୍ଧି |
| (ii) କୈଶୋର | (ଖ) ୨-୬ ବର୍ଷ |
| (iii) ଆଦ୍ୟ ପ୍ରୌଢ଼ାବସ୍ଥା | (ଗ) ୧୮/୧୯ରୁ ୪୦ ବର୍ଷ |
| (iv) ଆଦ୍ୟ ବାଲ୍ୟାବସ୍ଥା | (ଘ) ବନ୍ଧୁତା ସ୍ଥାପନ |
| (v) ବୌଦ୍ଧିକ ପ୍ରକ୍ରିୟା | (ଙ) ଜନ୍ମରୁ-୧ବର୍ଷ ପର୍ଯ୍ୟନ୍ତ |
| (vi) ସାମାଜିକ ପ୍ରକ୍ରିୟା | (ଚ) ମୋବାଇଲ ଦେଖିବା ବା ଘୂରାଇବା |
| (vii) ଜୈବିକ/ ଶାରୀରିକ ପ୍ରକ୍ରିୟା | (ଛ) ୧୧-୧୨ ବର୍ଷରୁ ୧୮-୧୯ ପର୍ଯ୍ୟନ୍ତ |

## ୨୬.୩ ଆଦ୍ୟ ବାଲ୍ୟାବସ୍ଥାରେ ବୃଦ୍ଧି ଓ ବିକାଶ

ବୃଦ୍ଧି ଓ ବିକାଶ ପରସ୍ପରର ପରିପୂରକ । ବୃଦ୍ଧି ଶରୀରର ପରିମାଣାତ୍ମକ ପରିବର୍ତ୍ତନ ଯଥା ଶରୀରର ଉଚ୍ଚତା ଏବଂ ଓଜନକୁ ହିଁ ନିର୍ଦ୍ଦେଶ କରେ । ଅପରପକ୍ଷରେ ବିକାଶ ଉଭୟ ଗୁଣାତ୍ମକ ଏବଂ ପରିମାଣାତ୍ମକ ପରିବର୍ତ୍ତନ (ଯଥା ଭାଷା ଅର୍ଜନ) । ବିକାଶକୁ ସୁବ୍ୟବସ୍ଥିତ ସୁସଂଗଠିତ ପ୍ରଗତିଶୀଳକ୍ରମ ପରିବର୍ତ୍ତନ ଭାବେ ମଧ୍ୟ ବର୍ଣ୍ଣନା କରାଯାଇପାରେ ।

ବିଭିନ୍ନ ପ୍ରକାରର ବିକାଶ ଭିନ୍ନ ଭିନ୍ନ ନିର୍ଦ୍ଦିଷ୍ଟ ନୀତିନିୟମ ଅନୁସରଣ କରେ । ଏଗୁଡ଼ିକ ମଧ୍ୟରୁ କେତେକ ନିମ୍ନ ପ୍ରକାରର ।

୧. ବୃଦ୍ଧି ଏବଂ ବିକାଶ ଏକ ସୁଶୃଙ୍ଖଳ ଅନୁକ୍ରମର ଅନୁସରଣ କରେ ।

୨. ପ୍ରତ୍ୟେକ ଶିଶୁ ସାଧାରଣ ଭାବେ ଅନେକ ସ୍ତର ଦେଇ ଗତି କରେ, ପ୍ରତ୍ୟେକ ସ୍ତରର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥାଏ ।

୩. ବିକାଶର ଗତି ଏବଂ ଢାଞ୍ଚା ବ୍ୟକ୍ତିଗତ ପାର୍ଥକ୍ୟ ଅନୁଯାୟୀ ପୃଥକ ହୋଇଥାଏ ।

୪. ଯଦିଓ ମନୁଷ୍ୟ ଏକ ସ୍ୱୟଂସମ୍ପୂର୍ଣ୍ଣ ଏକକ ଭାବେ ବିକଶିତ ହୁଏ ତଥାପି ଶରୀରର ପ୍ରତ୍ୟେକ ଅଂଶ ଭିନ୍ନଭିନ୍ନ ହାରରେ ବିକଶିତ ହୁଏ । ମୂଳତଃ ବିକାଶର ଗତି ଦୁଇଟି କ୍ରମରେ ସଂଘଟିତ ହୋଇଥାଏ ।

(କ) ମସ୍ତକାଭିମୁଖୀ (Cephalo caudal) ଯଥା ତାଳରୁ ତଳିପା ପର୍ଯ୍ୟନ୍ତ ବିକାଶ ଧାରା ଅଗ୍ରସର ହୁଏ । ଏଥିରେ ପ୍ରଥମେ ମୁଣ୍ଡ ଏବଂ ମସ୍ତିଷ୍କର ବିକାଶ ଘଟେ, ପରେ ନାକ, ପାଦ (ତଳିପାଦ) ଇତ୍ୟାଦି ବିକଶିତ ହୁଏ ।

(ଖ) ସମୀପ ଦୂରାଭିମୁଖୀ (Proximodistal) ବିକାଶ ଶରୀରର କେନ୍ଦ୍ରସ୍ଥଳରୁ ଶେଷଅଂଶ (ଅନ୍ତିମ ଅଂଶ) ପର୍ଯ୍ୟନ୍ତ ଅଗ୍ରସର ହୁଏ (ପାର୍ଶ୍ୱବର୍ତ୍ତୀ ଅଂଶ) । ଏହିପରି ପ୍ରଥମେ ପିଲାଟି ନିଜର ମେରୁଦଣ୍ଡ ଉପରେ ନିୟନ୍ତ୍ରଣ ଲାଭ କରେ ଏବଂ ପରେ ବାହୁ, ତାପରେ ଆଙ୍ଗୁଠି ଇତ୍ୟାଦି ଉପରେ ନିୟନ୍ତ୍ରଣ ଆଣେ ।

୫. ବିକାଶ ମୁଖ୍ୟତଃ ପରିପକ୍ୱତା ଏବଂ ଶିକ୍ଷଣ ମଧ୍ୟରେ ସଂଘଟିତ ପାରସ୍ପରିକ ସମ୍ପର୍କର ଫଳାଫଳ । ଯେତେବେଳେ ପରିପକ୍ୱତା ବ୍ୟକ୍ତିର ଆନୁବଂଶିକ ପ୍ରତିଭାରେ ଉପସ୍ଥିତ ବିଶେଷ ଗୁଣାବଳୀକୁ ବୁଝାଏ, ଶିକ୍ଷଣ ଅନୁଭୂତି ଏବଂ ଅଭ୍ୟାସ୍ ଜନିତ ପରିବର୍ତ୍ତନରୁ ଉତ୍ପନ୍ନ ଫଳାଫଳକୁ ହିଁ ବୁଝାଏ ।

## ନିଜେ ଚେଷ୍ଟା କରନ୍ତୁ

ଦୁଇ ଏବଂ ଚାରିବର୍ଷର ପିଲାମାନଙ୍କର ସ୍ଥୁଳ ପେଶୀୟ ଦକ୍ଷତା (ଯଥା, ଦୌଡ଼ିବା, ଡେଇଁବା, ପାହାଚ ଚଢ଼ିବା, କୁଦିବା) ଏବଂ ସୂକ୍ଷ୍ମପେଶୀୟ ଦକ୍ଷତା (ଦୃଢ଼ ଭାବେ ଟାଣି ଧରିବା, ଅଠା ଲଗାଇବା, ଚାମଚରେ ଖାଇବା, ସୂତାରେ ଗଣ୍ଠି ପକାଇବା, ମୁଣ୍ଡ କୁଣ୍ଡାଇବା, ବୋତାମ ଲଗାଇବା ଓ ଖୋଲିବା ଇତ୍ୟାଦି) ଅନୁଧ୍ୟାନ କରନ୍ତୁ । ସେହି ଦକ୍ଷତାଗୁଡ଼ିକୁ ଚିହ୍ନଟ କରନ୍ତୁ । ଏହିସବୁ ଦକ୍ଷତଗୁଡ଼ିକରୁ ପ୍ରତ୍ୟେକଙ୍କର ବିକାଶରେ ପରିପକ୍ୱତା ଏବଂ ଶିକ୍ଷଣର ତୁଳନାତ୍ମକ ଭୂମିକା ଚିହ୍ନଟ କରନ୍ତୁ ।

## ୨୬.୪ ବୃଦ୍ଧି ଏବଂ ବିକାଶକୁ ପ୍ରଭାବିତ କରୁଥିବା ଉପାଦାନ

(୧) **ବଂଶାନୁକ୍ରମ/ଆନୁବଂଶିକତା (Heredity) :** ଏହାର ଅର୍ଥ ଆମେ ଯାହା ଆମ ପୂର୍ବ ପୁରୁଷଙ୍କ ଠାରୁ ପାଇଥାଉ । ଏହା ଆମେ କେତେ ଉଚ୍ଚ କିମ୍ବା ଓଜନିଆ ହୋଇପାରିବା ନିର୍ଣ୍ଣୟ କରିଥାଏ । ଏହି ଅନୁସାରେ ବଂଶାନୁକ୍ରମ ଆମର ଶରୀରର ଗଠନ ଏବଂ ବୌଦ୍ଧିକ କ୍ଷମତା ତଥା ଅନ୍ୟାନ୍ୟ ଅନେକ ଶାରୀରିକ ମାନସିକ ଏବଂ ମନୋ- ସାମାଜିକ ବ୍ୟବହାର ଓ ଗୁଣାବଳୀକୁ ସ୍ଥିର କରିଥାଏ ।



(୨) **ପ୍ରାକ୍-ପ୍ରସବ ପରିବେଶ (Pre-natal environment) :** ଗର୍ଭଧାରଣର ପରିବେଶ ପରବର୍ତ୍ତୀ ବୃଦ୍ଧିର ଏକ ମହତ୍ୱପୂର୍ଣ୍ଣ ଉପାଦାନ । ଯଦି ମା' ଏହି ସମୟରେ ମନ୍ଦପୁଷ୍ଟି କିମ୍ବା ଆବେଗିକ ଭାବେ ଅଶାନ୍ତ ରହନ୍ତି କିମ୍ବା ଧୂମ୍ରପାନ କରନ୍ତି, ମଦ ପିଅନ୍ତି କିମ୍ବା କିଛି ଔଷଧ ଖାଆନ୍ତି କିମ୍ବା କୌଣସି ରୋଗରେ ଆକ୍ରାନ୍ତ ହୁଅନ୍ତି, ଶିଶୁର ଅଭିବୃଦ୍ଧି ପ୍ରତିକୂଳ ଭାବେ ପ୍ରଭାବିତ ହୋଇଥାଏ ।

(୩) **ପୋଷ (ପୁଷ୍ଟି) (Nutrition) :** ଗୋଟିଏ ଶିଶୁର ସୁସ୍ଥ ବିକାଶ ପାଇଁ ଉପଯୁକ୍ତ ପୁଷ୍ଟି ଅତ୍ୟନ୍ତ ଆବଶ୍ୟକ । ଜଣେ ମନ୍ଦପୁଷ୍ଟ ଶିଶୁର ବୃଦ୍ଧି କମ୍ ବିକଶିତ କିମ୍ବା ଅସମତୁଳ ହୋଇଥାଏ ।

(୪) **ମାନସିକ ସ୍ତର (Mental Level) :** ଉଚ୍ଚ ଧୀଶକ୍ତି/ଜ୍ଞାନ ଦ୍ରୁତ ବିକାଶ ସହ ସମ୍ପୃକ୍ତ କିନ୍ତୁ ନିମ୍ନ ଧୀଶକ୍ତି ବିକାଶର ଅନେକ ଅବିକଶିତ ସ୍ତର ସହ ସମ୍ପୃକ୍ତ । ଶରୀର ଏବଂ ମସ୍ତିଷ୍କ ମଧ୍ୟରେ ସମ୍ପର୍କ ଅତି ନିଗୂଢ଼ । ସେଥିପାଇଁ କୁହାଯାଏ 'ସୁସ୍ଥ ମନ ସୁସ୍ଥ ଶରୀରରେ ବିଦ୍ୟମାନ' ।

(୫) **ଘରର ଆବେଗିକ ପରିବେଶ (Emotional Climate of Home) :** ଯଦି ଘରେ ଅତ୍ୟଧିକ ବିବାଦ/କଳହ ଲାଗି ରହେ କିମ୍ବା ପିଲାକୁ ଯଦି ପର୍ଯ୍ୟାପ୍ତ ସ୍ନେହ ଏବଂ ଯତ୍ନ ଦିଆନଯାଏ କିମ୍ବା ପିଲାକୁ ଶାରୀରିକ/ ମାନସିକ ଉତ୍ପୀଡନ ଦିଆଯାଏ ତା'ହେଲେ ପିଲାଟିର ବିକାଶ ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥାଏ । ପରିବାରର ଅନ୍ୟମାନଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ, ସହନଶୀଳ କିମ୍ବା ସମ୍ମାନସ୍ପଦ ମନୋଭାବ ପିଲା ଉପରେ ଅନୁକୂଳ ପ୍ରଭାବ ପକାଏ ।

(୬) **ଶିଶୁର ସ୍ୱାସ୍ଥ୍ୟ (Health of the Child) :** ଯଦି ପିଲାଟି ବାରମ୍ବାର ରୋଗାକ୍ରାନ୍ତ ହୁଏ କିମ୍ବା କୌଣସି ବିକୃତିର ସମ୍ମୁଖୀନ ହୁଏ, କିମ୍ବା ଶାରୀରିକ ଅକ୍ଷମ ହୁଏ କିମ୍ବା ଅନ୍ତଃସ୍ରାବୀ କ୍ରିୟାରେ ବିଶୃଙ୍ଖଳା ଦେଖାଯାଏ, ତାର ବିକାଶ ପ୍ରଭାବିତ ହୋଇପାରେ । ଯେକୌଣସି ପ୍ରକାରର ଶାରୀରିକ ବିଶୃଙ୍ଖଳା ବିକାଶକୁ ପ୍ରଭାବିତ କରେ ।

(୭) **ଉଦ୍ଦୀପନାର ସ୍ତର/ ପ୍ରୋତ୍ସାହନର ସ୍ତର (Level of Stimulation) :** ଏ ପରିବେଶ ଦ୍ୱାରା ଉପଲବ୍ଧ ଉଦ୍ଦୀପନାର ମାତ୍ରା, ପରିବେଶ ଅନ୍ୱେଷଣ କରିବାର ସୁଯୋଗ, ଅନ୍ୟମାନଙ୍କ ସହ ଭାବ ଆଦାନ ପ୍ରଦାନର ସୁଯୋଗ- ଏସବୁ ବିକାଶର ସ୍ତରକୁ ପ୍ରଭାବିତ କରେ । ଉଦ୍ଦୀପନାର ଅର୍ଥ ହେଉଛି ଯେକୌଣସି ସ୍ଥିତି ଯାହାକି ବ୍ୟକ୍ତିକୁ କାର୍ଯ୍ୟ କରିବା ପାଇଁ ବାଧ୍ୟ କରିଥାଏ । ଆମେ କହିପାରିବା ଯେକୌଣସି ସ୍ଥିତି ଯାହାକି ବ୍ୟକ୍ତିକୁ କାର୍ଯ୍ୟରତ ରଖେ ।

(୮) **ସାମାଜିକ ଆର୍ଥିକ ସ୍ଥିତି (Socio-economic status) :** ଏହା ଶିଶୁକୁ ମିଳୁଥିବା ପୁଷ୍ଟି ପ୍ରୋତ୍ସାହନ ସୁବିଧା ଓ ସୁଯୋଗକୁ ନିର୍ଦ୍ଧାରଣ କରେ ଏବଂ ପିଲାର ବିକାଶର ସ୍ତରକୁ ମଧ୍ୟ ପ୍ରଭାବିତ କରେ । ଏହା ମଧ୍ୟ ପରିବାରର ସାମାଜିକ ପ୍ରତିଷ୍ଠା ଏବଂ ଆର୍ଥିକ ସ୍ଥିତିକୁ ବୁଝାଏ ।

(୯) **ଲିଙ୍ଗ (Sex) :** ସବୁ ପିଲା ସମାନ କ୍ରମରେ ବିକାଶର ଧାରାକୁ ଅନୁସରଣ କରନ୍ତି । ତଥାପି କେତେକ ଦକ୍ଷତା ଝିଅମାନଙ୍କ କ୍ଷେତ୍ରରେ ଶୀଘ୍ର ବିକଶିତ ହେଲାବେଳେ ଅନ୍ୟ କେତେକ ପୁଅମାନଙ୍କ କ୍ଷେତ୍ରରେ ହୁଏ । ତେଣୁ ଲିଙ୍ଗ ଏକ ଉପାଦାନ ଯାହାକି ସମୟେ ସମୟେ ବିକାଶର କେତେକ ଅନ୍ତର୍ନିହିତ ଦକ୍ଷତା ସ୍ଥିର କରିଥାଏ ।

## ପାଠଗତ ପ୍ରଶ୍ନାବଳୀ ୨୬.୨

ନିମ୍ନରେ ଦିଆଯାଇଥିବା ଉକ୍ତିଗୁଡିକ ସତ୍ୟ କିମ୍ବା ମିଥ୍ୟା ଉଲ୍ଲେଖ କର ।

(୧) ବିକାଶ ଗୋଟିଏ ଧାରାରେ ଅଗ୍ରସର ହୁଏ । ସତ୍ୟ/ମିଥ୍ୟା

(୨) ବିକାଶ କେବଳ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ । ସତ୍ୟ/ମିଥ୍ୟା

(୩) ବିକାଶ ଓ ବୃଦ୍ଧି ଗୋଟିଏ ଅର୍ଥରେ ବ୍ୟବହୃତ ହୁଏ । ସତ୍ୟ/ମିଥ୍ୟା

(୪) ବିକାଶ ସାଧାରଣତଃ ଗୋଟିଏ କ୍ରମ ଅନୁସରଣ କରେ । ସତ୍ୟ/ମିଥ୍ୟା

(୫) ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ତା'ର ପିଲାର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବ । ସତ୍ୟ/ମିଥ୍ୟା

(୬) ବୈବାହିକ/ଦାମ୍ପତ୍ୟ ମନାନ୍ତର ଶିଶୁର ବିକାଶକୁ ପ୍ରଭାବିତ କରେ । ସତ୍ୟ/ମିଥ୍ୟା

(୭) ଶିଶୁ ଯେତେ ଅଧିକ ପରିବେଶକୁ ଆବିଷ୍କାର କରେ, ତାର ବିକାଶ ହ୍ରାସ ହୋଇଯାଏ । ସତ୍ୟ/ମିଥ୍ୟା

(୮) ଆମର ଶିକ୍ଷଣ କ୍ଷମତା ବଂଶାନୁକ୍ରମ ଦ୍ୱାରା ପ୍ରଭାବିତ ହୋଇଥାଏ । ସତ୍ୟ/ମିଥ୍ୟା

## ୨୬.୫ ଆଦ୍ୟ ବାଲ୍ୟାବସ୍ଥାରେ ବିକାଶର ବୈଶିଷ୍ଟ୍ୟ/ବିଶେଷତ୍ୱ

ପୂର୍ବ ବର୍ଣ୍ଣନାନୁଯାୟୀ ୨ରୁ ୬ ବର୍ଷ ଆଦ୍ୟ ବାଲ୍ୟାବସ୍ଥାର ସମୟକାଳ । ଏହି ସମୟକୁ ବେଳେବେଳେ ପ୍ରାକ୍ ବିଦ୍ୟାଳୟ ସମୟ ଭାବେ ବିଚାର କରାଯାଏ । ଏହି ସମୟରେ ପିଲାମାନେ ଅଧିକ ଆତ୍ମ ନିର୍ଭରଶୀଳ ହୋଇଯାଆନ୍ତି, ନିଜର ଯତ୍ନ ନେବା ଆରମ୍ଭ କରନ୍ତି, ଭାଷା ଶିଖିଯାଆନ୍ତି, ଦଳ ଭିତରେ ନିଜକୁ ସାମିଲ କରନ୍ତି, ଅଧିକ ସୁବ୍ୟବସ୍ଥିତ ହୋଇଯାଆନ୍ତି, ବିଦ୍ୟାଳୟ ଯିବାର ଦକ୍ଷତା ହାସଲ

କରନ୍ତି (ନିର୍ଦ୍ଦେଶକୁ ଅନୁସରଣ କରିବା, ଅକ୍ଷର ଚିହ୍ନିବା ଇତ୍ୟାଦି) ଏବଂ ଉଚ୍ଚ ମାତ୍ରାରେ ସ୍ୱ-ନିୟନ୍ତ୍ରଣ ଲାଭ କରନ୍ତି ।

### (କ) ବୌଦ୍ଧିକ ବିକାଶର ବୈଶିଷ୍ଟ୍ୟ

- ସେ ଅନୁଭବ କରେ ଯେ ବିଶ୍ୱର ସ୍ଥିତି ଅଛି/ ବିଶ୍ୱବିଦ୍ୟମାନ ଯଦିଓ ସେ ତାକୁ ନଦେଖିପାରେ (ବସ୍ତୁ ସ୍ଥାୟିତ୍ୱ)
- ଅନ୍ୟମାନଙ୍କର ଦୃଷ୍ଟିକୋଣ ଦେଖିବା ପାଇଁ ଅକ୍ଷମ (ଆତ୍ମ-କୈନ୍ଦ୍ରିକ)
- ଯୁକ୍ତିଯୁକ୍ତ/ ତାର୍କିକ ବିଚାରର ଅଭାବ ।
- ବିଶ୍ୱାସ କରେ ଯେ ସମସ୍ତ ବସ୍ତୁ (ସଜୀବ ଏବଂ ନିର୍ଜୀବ)ର ଜୀବନ ଏବଂ ଭାବନା ଅଛି ।
- କଳ୍ପନାଲିପ୍ତ ହୋଇଯାଏ ଏବଂ ନିଜ ଧାରଣା ସହ ଖେଳେ ।
- ଦେଖି ହେଉଥିବା ଚେହେରା ଦ୍ୱାରା ବିଭ୍ରାନ୍ତ ହୁଏ ।
- ଅମନୋଯୋଗୀ
- ସୀମିତ ସ୍ମରଣ ଶକ୍ତି
- କାର୍ଯ୍ୟ ଓ କାରଣ ସମ୍ବନ୍ଧୀୟ ବିଭ୍ରାନ୍ତି
- ରଙ୍ଗ, ଆକୃତି, ଆକାର, ସଂଖ୍ୟା, ଦିନ ଇତ୍ୟାଦି ସମ୍ପର୍କରେ ପ୍ରାଥମିକ ଧାରଣା ଲାଭ କରେ
- ପ୍ରବଳ ଉତ୍ସୁକତା/ଅନୁସନ୍ଧିତ୍ସା
- ଦୁଇଟି ଶବ୍ଦ ବିଶିଷ୍ଟ ଉଚ୍ଚାରଣରୁ ପୂର୍ଣ୍ଣବାକ୍ୟ ଏବଂ ବ୍ୟାକରଣଗତ ବ୍ୟବହାରରେ ଭାଷାର ପରିବର୍ତ୍ତନ

### (ଖ) ଶାରୀରିକ ବିକାଶର ବୈଶିଷ୍ଟ୍ୟ

ପିଲାଟି ୨ ବର୍ଷ ବୟସରେ

- ୨୩ରୁ ୩୦ ପାଉଣ୍ଡ ଓଜନ, ୩୨ରୁ ୩୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ଅଟେ ।
- ଅନ୍ତ କ୍ଷମତା ଏବଂ ମୂତ୍ରାଶୟ ଉପରେ ନିୟନ୍ତ୍ରଣ କରିପାରିବ ।
- ଦୌଡ଼ିପାରିବ, ବଲ ମାରିପାରିବ, ତିନି ଘନ ଆକୃତି ବିଶିଷ୍ଟ ଘର ତିଆରି କରିପାରିବ ।

୨ରୁ ୩ ବର୍ଷ ମଧ୍ୟରେ

- ଓଜନ ୩୨ରୁ ୩୩ ପାଉଣ୍ଡ ଏବଂ ଉଚ୍ଚତା ୩୭ରୁ ୩୮ ଇଞ୍ଚ ଅଟେ ।
- ଗୋଟିଏ ପାଦ ଡେଇଁପାରିବ, ତିନିଚକିଆ ସାଇକେଲ ଚଢ଼ିପାରିବ, ରଙ୍ଗତୁଳୀ ବ୍ୟବହାର କରିପାରିବ, ଆଠଘନ ଆକୃତି ବିଶିଷ୍ଟ ଘର ତିଆରି କରିପାରିବ ଇତ୍ୟାଦି ।

୩ରୁ ୪ ବର୍ଷ ମଧ୍ୟରେ

- ଓଜନ ୩୮ରୁ ୪୦ ପାଉଣ୍ଡ ଏବଂ ଉଚ୍ଚତା ୪୦ରୁ ୪୧ ଇଞ୍ଚ ମଧ୍ୟରେ ଅଟେ ।
- ଘରର ଅନେକ ଦୈନନ୍ଦିନ କାର୍ଯ୍ୟ ଯଥା ପୋଷାକ ପିନ୍ଧିବା କାର୍ଯ୍ୟରେ ଆତ୍ମନିର୍ଭରଶୀଳ ଅଟେ ।
- ଗୋଟିଏ ଗୋଡରେ ଛିଡ଼ା ହୋଇପାରିବ, ତଳ ଉପର ଡେଇଁ ପାରିବ, ବୃତ୍ତ ଆଙ୍କିପାରିବ, ଛକି ମାରିପାରିବ ଇତ୍ୟାଦି

୪ରୁ ୫ ବର୍ଷ ମଧ୍ୟରେ

- ଓଜନ ୪୨ରୁ ୪୩ ପାଉଣ୍ଡ, ଉଚ୍ଚତା ୪୩ରୁ ୪୪ ଇଞ୍ଚ ଅଟେ ।
- ପେଶୀୟ କୌଶଳ/ଦକ୍ଷତା ଉପରେ ନିୟନ୍ତ୍ରଣ ଥାଏ, ଡିଆଁ ମାରିପାରେ, ନିଜ ଅନୁସାରେ ପୋଷାକ ପିନ୍ଧେ, ଉଚ୍ଚଡିଆଁ ମାରେ, ଚତୁର୍ଭୁଜ ଏବଂ ବୃତ୍ତର ନକଲ କରେ ।

## (ଗ) ଆବେଗିକ ବିକାଶର ବୈଶିଷ୍ଟ୍ୟ

୨ ବର୍ଷର ପିଲାଟି

- ବିରକ୍ତିଭରା କ୍ରୋଧ ପରିପ୍ରକାଶ କରେ ।
- ନୂଆ ଶିଶୁ ପ୍ରତି ତିକ୍ତ ଧାରଣା କରେ (ଯଦି ଉପସ୍ଥିତ ଥାଏ) ।
- ନକାରାତ୍ମକ ପ୍ରବୃତ୍ତି ଦେଖାଏ ।

୨ରୁ ୩ ବର୍ଷ ବୟସର ପିଲାଟି

- ଅନ୍ୟଠାରୁ ଅଲଗା ରହିବାକୁ ଡରେ,

- ନକାରାତ୍ମକ ମନୋଭାବ ଦେଖାଏ ।
- କ୍ରୋଧ, ଦୁଃଖ ଏବଂ ଆନନ୍ଦ ପାଇଁ ମୁହଁରେ ବିଭିନ୍ନ ପ୍ରକାର ଭାବ ପ୍ରକାଶ କରେ ।
- ହାସ୍ୟ ରସର ଧାରଣା ଥାଏ ।

୩ରୁ ୪ ବର୍ଷର ପିଲାଟି

- ବାପା ମା'ଙ୍କ ପ୍ରତି ସ୍ନେହଭାବ ଦେଖାଏ
- ଜନନେନ୍ଦ୍ରିୟରେ ହସ୍ତଚାଳନାରେ ଆନନ୍ଦ ପାଏ ।
- ଅନ୍ଧାର, ରାକ୍ଷସ, ଆଘାତ ଇତ୍ୟାଦି କାଳ୍ପନିକ ଭୟଭାବ ଦେଖାଏ ।

୪ରୁ ୫ ବର୍ଷ ବୟସର ପିଲାଟି

- ଦାୟିତ୍ୱବୋଧ ଏବଂ ଦୋଷୀ ମନୋଭାବର ଅନୁଭୂତି ଲାଭ କରେ ।
- କାର୍ଯ୍ୟ ସମ୍ପାଦନରେ ଗୌରବବୋଧ ଲାଭ କରେ ।

## (ଘ) ସାମାଜିକ ବିକାଶର ବୈଶିଷ୍ଟ୍ୟ

୨ ବର୍ଷ ବୟସର ପିଲାଟି

- ଯାହା କୁହାଯାଏ ତା'ର ବିପରୀତ କାମ କରେ ।

୨ରୁ ୩ ବର୍ଷ ବୟସର ପିଲାଟି

- ବାପା ମା'ଙ୍କ କାମକୁ ନକଲ କରେ ।
- ଅନ୍ୟ ଉପରେ ନିର୍ଭରଶୀଳ /ଆଶ୍ରିତ ରହେ
- ଅଧିକାର କରିବା ପ୍ରବୃତ୍ତି ଦେଖାଏ
- ଅନ୍ୟ ଜଣେ ପିଲା ପାଖରେ ଖେଳିବାକୁ ଭଲ ପାଏ

୩ରୁ ୪ ବର୍ଷ ବୟସର ପିଲାଟି

- ଅନ୍ୟମାନଙ୍କ ସହ ସହଯୋଗ କରିବା ଶିଖେ

- ଅନ୍ୟମାନଙ୍କ ସହ ମିଳିମିଶି ଖେଳେ ।
- ନର୍ସରୀ ସ୍କୁଲରେ ପ୍ରବେଶ କରିପାରେ
- ସମାନ ଲିଙ୍ଗ ଅଭିଭାବକ ଚିହ୍ନଟ କରିପାରେ
- କାଳ୍ପନିକ ସାଙ୍ଗ ସୃଷ୍ଟି କରେ ।
- ମଣିଷ ଶରୀର ସମ୍ପର୍କରେ ଜାଣିବାରେ ଆଗ୍ରହ ସୃଷ୍ଟି କରେ ।
- ଯୌନଭୂମିକା କାର୍ଯ୍ୟଗୁଡିକ ଅଭ୍ୟାସ କରେ ।

୪ରୁ ୫ ବର୍ଷର ପିଲାଟି

- ଅନ୍ୟ ପିଲାମାନଙ୍କ ସହ ଖେଳିବାକୁ ପସନ୍ଦ କରେ
- ପ୍ରତିଯୋଗୀ ହୁଏ
- ଯୌନୋଚିତ କାର୍ଯ୍ୟଗୁଡିକୁ ପସନ୍ଦ କରେ ।

**ନୋଟ୍/ଟିପ୍ପଣୀ :** ଏହା ମନେ ରଖିବାକୁ ହେବ ଯେ ଉଲ୍ଲିଖିତ କାର୍ଯ୍ୟଗୁଡିକ କେବଳ ସଂଘଠିତ ହେଉଥିବା କାର୍ଯ୍ୟର ଉଦାହରଣ । ବିକାଶ ଅନେକ ଭାବରେ ପ୍ରକାଶିତ ହୋଇଥାଏ ଏବଂ ପ୍ରତ୍ୟେକ ଅନ୍ୟସହ ସମ୍ପର୍କିତ /ସମ୍ବନ୍ଧିତ ।

## ପାଠଗତ ପ୍ରଶ୍ନାବଳୀ ୨୬.୩

ବିକାଶର କେଉଁ କ୍ଷେତ୍ରରେ ନିମ୍ନଲିଖିତ ପ୍ରତ୍ୟେକ ଘଟଣା ସଂଘଟିତ ହୁଏ ।

- ସହଯୋଗୀ ଖେଳ
- ଦୋଷୀ ମନୋଭାବ
- ବସ୍ତୁର ସ୍ୱାୟିତ୍ୱବୋଧ
- ଯୌନ ଭୂମିକା ଶିକ୍ଷଣ
- ଅନ୍ଧାରର ଭୟ
- କାଳ୍ପନିକ ବନ୍ଧୁ
- ଡେଇଁବା ଏବଂ ଧାଇଁବା
- କାଟିବା ଏବଂ ଅଠା ଲଗାଇବା



## ଆପଣ କ'ଣ ଶିଖିଲେ

ପ୍ରାକ୍ ପ୍ରସବ
ନବଜାତ
ଶୈଶବ
ଆଦ୍ୟବାଲ୍ୟାବସ୍ଥା
ମଧ୍ୟ ବାଲ୍ୟାବସ୍ଥା = **ଜୀବନକାଳର ସୋପାନ**
କୈଶୋର ଅବସ୍ଥା
ପ୍ରୌଢ ଅବସ୍ଥା
ମଧ୍ୟ ପ୍ରୌଢ ଅବସ୍ଥା
ବାର୍ଦ୍ଧକ୍ୟ ଅବସ୍ଥା

**ବିକାଶ ପ୍ରକ୍ରିୟା** = ଜୈବିକ
ବୌଦ୍ଧିକ
ସାମାଜିକ

(i) ସମସ୍ତ ପ୍ରକାର ବିକାଶ ସୁବ୍ୟବସ୍ଥିତ କ୍ରମ ଅନୁସରଣ କରେ
(ii) ବିକାଶରେ ବ୍ୟକ୍ତିଗତ ପାର୍ଥକ୍ୟ ଦେଖାଯାଏ **ବୃଦ୍ଧି ଏବଂ ବିକାଶକୁ ପ୍ରଭାବିତ କରୁଥିବା ଉପାଦାନ**
(iii) ଶରୀରର ବିଭିନ୍ନ ଅଙ୍ଗ ଭିନ୍ନ ଭିନ୍ନ ଗତିରେ ବିକଶିତ ହୁଏ
(iv) ବିକାଶ ପରିପକ୍ୱତା ଏବଂ ଶିକ୍ଷଣ ଯୋଗୁଁ ସଂଘଟିତ ହୁଏ
(v) ପ୍ରତ୍ୟେକ ପିଲା ଅନେକ ସୋପାନ ଦେଇ ଗତିକରେ

**ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରୁଥିବା ଉପାଦାନ** = ବୁଦ୍ଧି
ଆନୁବଂଶିକତା
ପ୍ରାକ୍-ପ୍ରସବ ପରିବେଶ
ପୁଷ୍ଟି
ଆବେଗିକ ପରିବେଶ
ସ୍ୱାସ୍ଥ୍ୟ
ସାମାଜିକ-ଆର୍ଥିକ ସ୍ଥିତି
ଲିଙ୍ଗ
ଉଦ୍ଦୀପନାର ସ୍ତର

ସାମାଜିକ
ଆବେଗିକ = **ଆଦ୍ୟ ବାଲ୍ୟାବସ୍ଥାର ବୈଶିଷ୍ଟ୍ୟ**
ବୌଦ୍ଧିକ
ଶାରୀରିକ/ଦୈହିକ



## ଅନ୍ତିମ ପ୍ରଶ୍ନାବଳୀ

(୧) ବୃଦ୍ଧି ଏବଂ ବିକାଶର ନିୟମଗୁଡ଼ିକର ତାଲିକା ପ୍ରସ୍ତୁତ କର ।

(୨) ଜଣେ ନିଜ ବୟସରୁ ଅଧିକ ବିକଶିତ ଏବଂ ଆଉ ଜଣେ ନିଜ ବୟସରୁ କମ୍ ବିକଶିତ । ଏହିଭଳି ଦୁଇଟି ଶିଶୁ ନିଅ ଏବଂ ସେମାନଙ୍କର ବିକାଶକୁ ପ୍ରଭାବିତ କରିଥିବା ଉପାଦାନଗୁଡ଼ିକୁ ଚିହ୍ନଟ କର ।

(୩) ଜଣେ ୩ ବର୍ଷ ବୟସର ପିଲାକୁ ଗୋଟିଏ ସପ୍ତାହ ପାଇଁ ନିରୀକ୍ଷଣ କର ଏବଂ ତା'ର ସାମାଜିକ, ଆବେଗିକ, ଶାରୀରିକ ଏବଂ ବୌଦ୍ଧିକ ସ୍ଥିତିକୁ ଉଲ୍ଲେଖ କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୬.୧** (i) ଙ, (ii) ଛ, (iii) ଗ, (iv) ଖ, (v) ଚ, (vi) ଘ, (vii) କ

**୨୬.୨** (୧) ମିଥ୍ୟା, (୨) ମିଥ୍ୟା, (୩) ମିଥ୍ୟା (୪) ସତ୍ୟ, (୫) ସତ୍ୟ (୬) ସତ୍ୟ, (୭) ମିଥ୍ୟା, (୮) ସତ୍ୟ

**୨୬.୩**

(୧) ସାମାଜିକ ବିକାଶ

(୨) ଆବେଗିକ ବିକାଶ

(୩) ବୌଦ୍ଧିକ ବିକାଶ

(୪) ସାମାଜିକ ବିକାଶ

(୫) ଆବେଗିକ ବିକାଶ

(୬) ସାମାଜିକ ବିକାଶ

(୭) ଶାରୀରିକ ବିକାଶ

(୮) ଶାରୀରିକ ବିକାଶ

# ୨୭

# ଖେଳକେନ୍ଦ୍ର: ଉଦ୍ଦେଶ୍ୟ

# PLAY CENTRE : OBJECTIVES

ପୂର୍ବପାଠରେ ଆମ୍ଭେମାନେ ଆଦ୍ୟ ବାଲ୍ୟାବସ୍ଥାରେ ଶିଶୁମାନଙ୍କର ବୈଶିଷ୍ଟ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଜାଣିବା ପାଇଁ ଚେଷ୍ଟା କରିଛେ । ଆମ୍ଭେମାନେ ଦେଖିଛେ ବୟସ ସହିତ ଏହି ବୈଶିଷ୍ଟ୍ୟଗୁଡିକ କିପରି ପରିବର୍ତ୍ତନ ହୁଏ ଏବଂ ଶାରୀରିକ ବୃଦ୍ଧି ସହ ସେ କିପରି ନିଜକୁ ଅଧିକ ସବୁ ସ୍ତରରେ ସଜ୍ଜିତ /ସନ୍ତୁଳନ ମନେ କରେ । ସେ ବର୍ତ୍ତମାନ ସ୍ୱଚ୍ଛନ୍ଦରେ ପର୍ଯ୍ୟାପ୍ତ ଚଲାବୁଲା କରିପାରେ, ଫଳରେ ସେ ତା ମାଆ ପାଇଁ ସାହାଯ୍ୟକାରୀ ହୁଏ । ସେ ମଧ୍ୟ ଅନୁସନ୍ଧିତ୍ସୁ ଏବଂ ସେଇଥିପାଇଁ ସେ ଅନୁସନ୍ଧାନ କରିବା ପାଇଁ ଭଲ ପାଏ ଏବଂ ଅନେକ ପ୍ରଶ୍ନ ପଚାରେ । ସେ ଅନ୍ୟ ପିଲାମାନଙ୍କ ସମ୍ପର୍କରେ ଆଗ୍ରହୀ ହୋଇପଡେ ଏବଂ ସେମାନଙ୍କ ସହ ଏକାଠି ହେବା ପାଇଁ ଚାହେଁ । ମା' କ'ଣ ଏପରି ବଢନ୍ତା ପିଲାମାନଙ୍କର ଯତ୍ନ ନେବା ପାଇଁ ପ୍ରସ୍ତୁତ କି ? ତାଙ୍କୁ ସାହାଯ୍ୟ କରି ହେବ କି ? ଏହି ବୟସରେ କେଉଁ ଧରଣର ସ୍କୁଲ ପିଲାମାନଙ୍କ ପାଇଁ ବାଛିବା ? ଇତ୍ୟାଦି ଅଳ୍ପ କେତେକ ଯଥାର୍ଥ ପ୍ରଶ୍ନର ଉତ୍ତର ଦେବା ପାଇଁ ଆମ୍ଭେମାନେ ଏହି ପାଠରେ ନିଜକୁ ପ୍ରସ୍ତୁତ କରାଇବା ।

## ଉଦ୍ଦେଶ୍ୟ

ଏହି ପାଠଟି ପଢିସାରିଲା ପରେ ଆପଣ :

- ଖେଳକେନ୍ଦ୍ର କ'ଣ ତାହା ସଜ୍ଞାବଧ କରିପାରିବେ;
- ଖେଳକେନ୍ଦ୍ରର ଆବଶ୍ୟକତା ବାଖ୍ୟା କରିପାରିବେ;
- ଖେଳକେନ୍ଦ୍ରର ଉଦ୍ଦେଶ୍ୟଗୁଡିକ ଉଲ୍ଲେଖ କରିପାରିବେ;
- ଖେଳକେନ୍ଦ୍ରରେ ପିଲାମାନଙ୍କୁ ପରିଚାଳିତ କରାଇପାରିବେ ଏବଂ
- ପିଲାମାନଙ୍କ ବ୍ୟବହାରିକ ସମସ୍ୟା ସମ୍ପର୍କରେ ପଦକ୍ଷେପ ନେଇପାରିବେ ।

## ୨୭.୧ ଖେଳକେନ୍ଦ୍ରର ଅର୍ଥ

ଖେଳକେନ୍ଦ୍ର ଏମିତି ଏକ ସ୍ଥାନ ଯାହାକି ପିଲାମାନଙ୍କୁ ଖେଳଣା, ଖେଳିବା ପାଇଁ ଜାଗା ଇତ୍ୟାଦି କେତେକ ସୁବିଧା ସୁଯୋଗ ଯୋଗାଇଦିଏ, ଅନୁସନ୍ଧାନ ଏବଂ ପରୀକ୍ଷା ନିରୀକ୍ଷା ପାଇଁ ସେମାନଙ୍କୁ

ସୁଯୋଗ ଦିଏ, ଅନେକ ପିଲାମାନଙ୍କୁ ଏକାଠି ହେବା ପାଇଁ ସୁଯୋଗ ଦିଏ ଏବଂ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ କରିବାରେ ସାହାଯ୍ୟ କରେ । ଔପଚାରିକ /ଆନୁଷ୍ଠାନିକ ଶିକ୍ଷଣ ପ୍ରମୁଖ ବିଷୟ ନୁହେଁ ବରଂ ଖେଳ ମାଧ୍ୟମରେ ଶିକ୍ଷଣ ଏହାର କେନ୍ଦ୍ରବିନ୍ଦୁ । ପରିବେଶ ବନ୍ଧୁତ୍ୱପୂର୍ଣ୍ଣ ଏବଂ ପ୍ରୋତ୍ସାହକ ଅଟେ ।

ଖେଳକେନ୍ଦ୍ର ୨ରୁ ୫ ବର୍ଷର ପିଲା ଯେଉଁମାନେ କି ୨ରୁ ୩ ଘଣ୍ଟା ପାଇଁ ଖେଳକେନ୍ଦ୍ରକୁ ଆସନ୍ତି, ସେମାନଙ୍କର ଆବଶ୍ୟକତା ପରିପୂରଣ କରେ ।

ତେଣୁ ଆପଣ କହିପାରିବେ ଯେ ଖେଳ କେନ୍ଦ୍ରଗୁଡିକ :

(କ) ଶିଶୁ କୈନ୍ଦ୍ରିକ ଏକକ ଯାହାକି ପିଲାମାନଙ୍କୁ ନିଜ ଗତିରେ ବିକଶିତ ହେବା ପାଇଁ ସୁଯୋଗ ଦିଏ ।

(ଖ) ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରେ ।

(ଗ) ଖେଳ, ଅନୁସନ୍ଧାନ ଏବଂ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ମୁକ୍ତ ଏବଂ ଦଳଗତ ଶିକ୍ଷଣ ପାଇଁ ସୁଯୋଗ ଯୋଗାଏ । ତେଣୁ ଶିକ୍ଷଣ ଆନନ୍ଦ ପ୍ରଦାନକାରୀ ଅନୁଭୂତି ହୋଇଯାଏ ।

(ଘ) ବିଦ୍ୟାଳୟ ଏବଂ ବିଦ୍ୟାଳୟ ଶିକ୍ଷଣ ପ୍ରତି ଅଭିପ୍ରେରଣା/ପ୍ରୋତ୍ସାହନ ବଜାୟ ରଖିବାରେ ସାହାଯ୍ୟ କରେ ।

ଖେଳକେନ୍ଦ୍ର

(କ) ଏକ କ୍ଷୁଦ୍ର ପ୍ରାଥମିକ ସ୍କୁଲ ନୁହେଁ ।

(ଖ) ଏକ ସ୍ଥାନ ଯେଉଁଠିକି ଶିକ୍ଷକ-କୈନ୍ଦ୍ରିକ ଶିକ୍ଷା ପ୍ରୋତ୍ସାହିତ କରାଯାଏ ନାହିଁ।

(ଗ) ଏକ ସ୍ଥାନ ଯେଉଁଠିକି ନିଷ୍କ୍ରିୟ ଶିକ୍ଷଣ ଏବଂ ଅନ୍ଧ ଆନୁଗତ୍ୟ (ଆଜ୍ଞାନୁବର୍ତ୍ତିତା) ଆବଶ୍ୟକ ହୁଏ ନାହିଁ ।

### କାର୍ଯ୍ୟ

ପାଖରେ ଥିବା ଏକ ଖେଳକେନ୍ଦ୍ରକୁ ଅନୁଧ୍ୟାନ କର ଏବଂ ଏହାର କାର୍ଯ୍ୟଗୁଡିକ ବାଖ୍ୟା କର ।

## ୨୭.୨ ଖେଳ କେନ୍ଦ୍ରର ଆବଶ୍ୟକତା ଏବଂ ଆଧାର

ପିଲାମାନେ କାହିଁକି ଖେଳକେନ୍ଦ୍ରକୁ ଯିବା ଆବଶ୍ୟକ, ଆପଣ କହିପାରିବେ କି ? ୨ରୁ ୫ ବର୍ଷ ବୟସ ପିଲାମାନଙ୍କର ଶିକ୍ଷଣ ପ୍ରକ୍ରିୟାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥାଏ ଯାହାକି ଏକ ଖେଳକେନ୍ଦ୍ରର ଆବଶ୍ୟକତା ସୂଚାଏ । ସେଗୁଡିକ ନିମ୍ନ ପ୍ରକାରର :

(କ) ପିଲାମାନେ ଖେଳ ମାଧ୍ୟମରେ ପ୍ରାକୃତିକ ଭାବେ ଶିକ୍ଷଣ କରନ୍ତି ।

(ଖ) ପିଲାମାନେ କାର୍ଯ୍ୟ ମାଧ୍ୟମରେ ସର୍ବୋତ୍ତମ ଶିକ୍ଷଣ କରନ୍ତି ।

(ଗ) ପିଲାମାନଙ୍କର ମନଯୋଗର ସମୟସୀମା ଅଧିକ ନୁହେଁ (୭ରୁ ୧୫ ମିନିଟ୍)

(ଘ) ୩ ବର୍ଷରେ ପିଲାର ମସ୍ତିଷ୍କ, ବୟସ୍କ ମସ୍ତିଷ୍କର ୮୦ ପ୍ରତିଶତ ଓଜନ ହୋଇଥିବାରୁ ସର୍ବାଧିକ ଶିକ୍ଷଣରେ ସହାୟକ ହୁଏ, ତେଣୁ ସେମାନେ ଏହି ବୟସରେ ଏକ ପ୍ରୋତ୍ସାହକ ପରିବେଶ ଚାହାନ୍ତି ।

(ଙ) ପିଲାମାନେ ପରସ୍ପର ଠାରୁ ଓ ବଡ଼ ପିଲା, ବୟସ୍କ ବ୍ୟକ୍ତି ଏବଂ ଭୌତିକ ପରିବେଶରୁ ସହଜରେ ଶିଖନ୍ତି ।

## ପାଠଗତ ପ୍ରଶ୍ନାବଳୀ ୨୭.୧

ସତ୍ୟ କି ମିଥ୍ୟା ଉଲ୍ଲେଖ କର :

(୧) ଖେଳକେନ୍ଦ୍ର ଗୋଟିଏ ଖେଳ ସଂସ୍ଥା । ସତ୍ୟ/ମିଥ୍ୟା

(୨) ଖେଳକେନ୍ଦ୍ର ଏକ କଠୋର ଢାଞ୍ଚା ଏବଂ କଡ଼ା ଅନୁଶାସନ ସହ ଜଡିତ । ସତ୍ୟ/ମିଥ୍ୟା

(୩) କେବଳ ବୟସ୍କ ବ୍ୟକ୍ତିମାନେ ପଢାଇଲେ ପିଲାମାନେ ଶିଖନ୍ତି । ସତ୍ୟ/ମିଥ୍ୟା

(୪) ଖେଳକେନ୍ଦ୍ର ଶିଶୁ-କୈନ୍ଦ୍ରିକ ଶିକ୍ଷକ-କୈନ୍ଦ୍ରିକ ନୁହେଁ । ସତ୍ୟ/ମିଥ୍ୟା

(୫) ଖେଳକେନ୍ଦ୍ରରେ ପିଲାମାନେ ନିଜ ଗତିରେ ଶିଖିବା ପାଇଁ ସୁଯୋଗ ପାଆନ୍ତି । ସତ୍ୟ/ମିଥ୍ୟା

## ୨୭.୩ ଏକ ଖେଳକେନ୍ଦ୍ରର ଉଦ୍ଦେଶ୍ୟ

ଏବେ ସୁଦ୍ଧା ଆପଣ ଖେଳକେନ୍ଦ୍ରର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ଏବଂ ଏହା ସାଧାରଣତଃ କେମିତି କାର୍ଯ୍ୟ କରେ ବୁଝି ସାରିଥିବେ । ଖଣ୍ଡେ କାଗଜ ଏବଂ ପେନ୍‌ସିଲ ନେଇ ଆପଣ ଯେତେ ଧାଡି ଲେଖିପାରୁଛନ୍ତି, ଲେଖନ୍ତୁ । ଆପଣଙ୍କ ତାଲିକା ସହ ନିମ୍ନରେ ଦିଆଯାଇଥିବା ଆମର ତାଲିକାକୁ ତୁଳନା କରନ୍ତୁ ।

ଗୋଟିଏ ଖେଳକେନ୍ଦ୍ରର ଉଦ୍ଦେଶ୍ୟଗୁଡିକ ନିମ୍ନ ପ୍ରକାରର :

(୧) ପିଲାକୁ ବିଭିନ୍ନ ପ୍ରକାର କାର୍ଯ୍ୟ ସମୂହ, ବସ୍ତୁ ଏବଂ ସ୍ଥାନ ସମ୍ପର୍କୀୟ ଅନୁସନ୍ଧାନ ଏବଂ ପରୀକ୍ଷା ନିରୀକ୍ଷା ପାଇଁ ସୁଯୋଗ ପ୍ରଦାନ କରିବା ।

(୨) ସହପାଠୀ ଏବଂ ବୟସ୍କ ବ୍ୟକ୍ତି ସହ ସମୃଦ୍ଧ ଏବଂ ସକାରାତ୍ମକ ପାରସ୍ପରିକ କ୍ରିୟା ପାଇଁ ସୁଯୋଗ ପ୍ରଦାନ କରିବା ।

(୩) ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ସୁରକ୍ଷିତ ଏବଂ ସହାୟକ ପରିବେଶ ଯୋଗାଇଦେବା ।

(୪) ପିଲାମାନଙ୍କ ଭିତରେ ନିଷ୍କ୍ରିୟ ଶିକ୍ଷଣ ଅପେକ୍ଷା ଏକ ସକ୍ରିୟାତ୍ମକ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ।

(୫) ପିଲାମାନଙ୍କର ବିକାଶର ସ୍ତର ଅନୁଯାୟୀ ଅନୁଭୂତି ସଂଗଠନ କରିବା ।

(୬) ଶିକ୍ଷଣକୁ ଚାପପୂର୍ଣ୍ଣ ନକରି ପିଲାମାନଙ୍କୁ ନିଜ ଗତିରେ ଶିଖିବା ଏବଂ ବୃଦ୍ଧି ହେବା ପାଇଁ ସୁଯୋଗ ପ୍ରଦାନ କରିବା ଏବଂ ଆହୁରି ମଧ୍ୟ ଅଭିପ୍ରେରଣା ଏବଂ ଆଗ୍ରହ ବଜାୟ ରଖିବା ପାଇଁ ଯଥେଷ୍ଟ ଆହ୍ୱାନ ଦେବା

(୭) ପିଲା ଭିତରେ ଆତ୍ମ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ପ୍ରୋତ୍ସାହିତ କରିବା ।

(୮) ଘରୁ ସ୍କୁଲକୁ ଯିବାର ଅବସ୍ଥାନ୍ତର ପ୍ରକ୍ରିୟାରେ ସାହାଯ୍ୟ କରିବା ।

ଆପଣ "ନୂତନ ଶିକ୍ଷା ନୀତି"ର ଦଲିଲ ବାବଦରେ ଜାଣିଥିବେ । ନିମ୍ନରେ ଦିଆଯାଇଥିବା ଆଦ୍ୟ ବାଲ୍ୟାବସ୍ଥାରେ ଯତ୍ନ ଏବଂ ଶିକ୍ଷାର ଉଦ୍ଦେଶ୍ୟଗୁଡିକ ନିମ୍ନ ପ୍ରକାରେ ଦଲିଲ୍‌ରେ ଉଲ୍ଲେଖ କରାଯାଇଛି । ଏଗୁଡିକୁ ଯତ୍ନ ସହକାରେ ପଢନ୍ତୁ ଏବଂ ସେହି ଦୁଇଟି ମଧ୍ୟରେ ଥିବା ସାମଞ୍ଜସ୍ୟ ଏବଂ ପାର୍ଥକ୍ୟଗୁଡିକୁ ଦେଖନ୍ତୁ ।

## ୨୭.୪ ଖେଳକେନ୍ଦ୍ରରେ ପିଲାମାନଙ୍କୁ ପରିଚାଳନା କରିବା

ପିଲାକୁ ପରିବେଶର ଅନୁସନ୍ଧାନ ପାଇଁ ସ୍ୱାଧୀନତା ପ୍ରଦାନ କରିବା ହେଉଛି ଖେଳ କେନ୍ଦ୍ରର ଗୋଟିଏ ଉଦ୍ଦେଶ୍ୟ ଯାହାକି ଆମ୍ଭେମାନେ ପୂର୍ବରୁ ଆଲୋଚନା କରିଛେ । ଆପଣ କହିପାରନ୍ତି ଯେ ଏହି ଉଦ୍ଦେଶ୍ୟ ହାସଲ ପାଇଁ ପିଲାକୁ ଚାରିପାଖରେ ମୁକ୍ତ ଭାବରେ ଚଲାବୁଲା କରିବା ପାଇଁ ସୁଯୋଗ ଦେବା । ଯଦି ଖେଳକେନ୍ଦ୍ରରେ ୨୦ ଜଣ ପିଲା ଥାଆନ୍ତି ଆପଣ ଭାବି ପାରୁଛନ୍ତି ସେମାନଙ୍କ ଇଚ୍ଛା ମୁତାବକ ଆପଣ ଯଦି ଛାଡ଼ି ଦିଅନ୍ତି, କ'ଣ ହେବ ?

ଯେକୌଣସି ପରିବେଶରେ ସୁରକ୍ଷିତ ଅନୁଭବ ପାଇଁ ପିଲା ପାଇଁ କେତେକ ଶୃଙ୍ଖଳା ଆବଶ୍ୟକ ହୁଏ । ତେଣୁ ତାକୁ ତାର ଗ୍ରହଣୀୟ ଏବଂ ଅଗ୍ରହଣୀୟ ବ୍ୟବହାରର ସୀମା ସମ୍ପର୍କରେ ଜଣାଇ ଦିଆଯିବା ଉଚିତ । ଯେତେବେଳେ ପିଲାଟି ଅନୁସନ୍ଧାନ କରୁଛି, ସେ ଯେମିତି ନିଜକୁ କିମ୍ବା ତା ଚାରିପାଖର ପିଲାମାନଙ୍କୁ ଆଘାତ କରୁନି ତା'ର ଦେଖାରଖା କରୁଥିବା ବ୍ୟକ୍ତିଟି ବାରମ୍ବାର ତଦାରଖ



କରିବା ଏବଂ ନିଶ୍ଚିତ ହେବା ଆବଶ୍ୟକ ।

ଶୃଙ୍ଖଳା ମୂଳତଃ ତିନି ପ୍ରକାରର ଯାହାକି ପିଲାଙ୍କ ଉପରେ ପ୍ରୟୋଗ କରାଯାଇପାରିବ । ସେଗୁଡିକ ନିମ୍ନ ପ୍ରକାରର- ଅଧିକାରୀବାଦୀ, ଉଦାରବାଦୀ ଏବଂ ଗଣତାନ୍ତ୍ରିକ ଶୃଙ୍ଖଳା ।

ଆସନ୍ତୁ ଏ ସମ୍ପର୍କରେ ଅଧିକ ଜାଣିବା ।

### ଅଧିକାରୀବାଦୀ ଶୃଙ୍ଖଳା (Authoritarian discipline)

ଯେତେବେଳେ ଏହି ପ୍ରକାରର ଶୃଙ୍ଖଳା ପ୍ରୟୋଗ କରାଯାଏ, ପିଲାଟିକୁ କ'ଣ କରିବାକୁ ହେବ ଏବଂ କ'ଣ ନକରିବାକୁ ହେବ ନିର୍ଦ୍ଦେଶ ଦିଆଯାଏ ଏବଂ କୌଣସି ସ୍ପଷ୍ଟୀକରଣ ଦିଆଯାଏ ନାହିଁ । ଏହା ସହିତ ପିଲାଠାରୁ ସମ୍ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତା ଆଶା କରାଯାଏ ।

ଆପଣ କ'ଣ ଏ ପ୍ରକାର ଶୃଙ୍ଖଳା ଘରେ ଦେଖିଛନ୍ତି ? ଏହାକୁ କିଏ ପ୍ରୟୋଗ କରେ ? ଆପଣ ଭାବୁଛନ୍ତି ଖେଳ କେନ୍ଦ୍ରରେ ପିଲାଟିର ଯତ୍ନ ନେଉଥିବା ଲୋକଟି ଏ ପ୍ରକାର ଶୃଙ୍ଖଳା ପ୍ରୟୋଗ କରିପାରିବ ? ହଁ, ସେ କରିପାରିବ । ଅଧିକାରୀବାଦୀ ଶୃଙ୍ଖଳା ସହିତ ଯତ୍ନ ନେଉଥିବା ବ୍ୟକ୍ତିର କଥା ଅନୁଯାୟୀ ପିଲାମାନେ କାର୍ଯ୍ୟ କରିବା ଆଶା କରାଯାଏ, ଯାହା ଆମ୍ଭେମାନେ ପୂର୍ବରୁ କହିଛେ । ଏହା ସମ୍ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତା, ଏଥିରେ କୌଣସି ବ୍ୟତିକ୍ରମ ବା ପ୍ରଶ୍ନର ସ୍ଥାନ ନାହିଁ ।

ପିଲାମାନେ ଏଭଳି ପରିବେଶରେ ଖୁସି ହୁଅନ୍ତି ନାହିଁ । ଆପଣ କହିପାରିବେ, କାହିଁକି ? ହଁ, ଆପଣ ଠିକ୍ । ସେମାନେ କାମ କରିବାକୁ ଚାହୁଁଥିବା ସ୍ୱାଧୀନତା ଏଥିରେ ନଥାଏ । ଯଦି ବାରମ୍ବାର ପିଲାମାନଙ୍କୁ ବାଧା ଦିଆଯାଏ, ସେମାନେ ନିରବରେ ଏବଂ ଯତ୍ନ ନେଉଥିବା ଲୋକଟିକୁ ଲୁଚିଛପି କାମ କରନ୍ତି । ସେମାନେ ମିଛ କହିବା ଶିଖନ୍ତି । ଯଦି ପିଲାମାନଙ୍କୁ ସବୁ ସମୟରେ କ'ଣ କରିବା କିମ୍ବା କ'ଣ ନକରିବାକୁ କୁହାଯାଏ, ସେମାନେ ନିର୍ଭରଶୀଳ ହୋଇଯାଆନ୍ତି । ସେମାନେ ସବୁବେଳେ ନିର୍ଦ୍ଦେଶକୁ ଅପେକ୍ଷା କରନ୍ତି ଏବଂ କେବେ ପରିଣତ ଅବସ୍ଥାକୁ ଆସନ୍ତି ନାହିଁ ।

### ଉଦାରବାଦୀ (Permissive discipline)

ଏହା ଠିକ୍ ରୂପେ ଅଧିକାରୀବାଦୀ ଶୃଙ୍ଖଳା ପ୍ରକାରର ବିପରୀତ । ପିଲାଟି ତାକୁ ଯାହା ଭଲ ଲାଗେ ଏବଂ ଯେତେବେଳେ ଭଲ ଲାଗେ ତାହା କରିବା ପାଇଁ ସୁଯୋଗ ପାଏ । ଏଥିରେ କୌଣସି ନୀତିନିୟମ, ନିର୍ଦ୍ଦେଶକା କିମ୍ବା ସ୍ପଷ୍ଟିକରଣ ଦିଆଯାଇନଥାଏ । ଆପଣ ଖେଳକେନ୍ଦ୍ରରେ ଏହାର ପ୍ରୟୋଗ ସମ୍ପର୍କରେ କହିପାରିବେ କି ? ହଁ, ସେମାନେ କୌଣସି ଲୋକକୁ ନଶୁଣିବା, କୌଣସି ନିର୍ଦ୍ଦେଶକୁ ନମାନିବା ଅଭ୍ୟାସରେ ପଡିଯାଆନ୍ତି ଏବଂ ସେମାନେ ଯାହା ଭଲ ଲାଗେ ତାହା କରନ୍ତି । ଏହି ପ୍ରକାରର ବ୍ୟବହାର ସେମାନଙ୍କୁ ଆତ୍ମ-କୈନ୍ଦ୍ରିକ ଏବଂ ସ୍ୱାର୍ଥପର କରିବ । ଏହାସହ ପିଲାମାନଙ୍କ

ଯତ୍ନ ନେଉଥିବା ବ୍ୟକ୍ତିଙ୍କ କୌଣସି ନିର୍ଦ୍ଦେଶନା ବିନା, ପିଲାମାନେ ଭୁଲ ବାଟରେ ଚାଲିଯିବେ କିମ୍ବା ଖରାପ ଅଭ୍ୟାସକୁ ଅନାୟାସରେ ଗ୍ରହଣ କରିନେବେ ।

### ଗଣତାନ୍ତ୍ରିକ ଶୃଙ୍ଖଳା (Democratic discipline)

ଏହି ପ୍ରକାରର ଶୃଙ୍ଖଳା ଆମେ ଏବେ ଆଲୋଚନା କରିଥିବା ଦୁଇ ପ୍ରକାରର ମଧ୍ୟବର୍ତ୍ତୀ ଶୃଙ୍ଖଳା । ଆପଣ ଗଣତାନ୍ତ୍ରିକ ଶୃଙ୍ଖଳାର କେତେକ ବୈଶିଷ୍ଟ୍ୟ ସମ୍ପର୍କରେ ଭାବି ପାରିବେ କି ?

ନିମ୍ନଲିଖିତ କଥାକୁ ବିଚାର କରନ୍ତୁ :

- ନିୟମ ଲାଗୁ କରିବା ପୂର୍ବରୁ ଏହା ବିଷୟରେ ବ୍ୟାଖ୍ୟା କରାଯାଏ ।
- ପିଲାମାନେ ନିୟମ ଉପରେ ପ୍ରଶ୍ନ ପଚାରିପାରିବେ ଏବଂ ତାହା ଉଭୟଙ୍କ ସ୍ୱୀକୃତି ଅନୁଯାୟୀ ପରିବର୍ତ୍ତନ କରାଯାଇପାରିବ ।
- ପିଲାମାନେ ନିଜର ସ୍ୱାଧୀନତା ଅନୁସାରେ କାମ କରିବା ପାଇଁ ସୁଯୋଗ ପାଆନ୍ତି କିନ୍ତୁ ସେମାନେ ନିଜର କିମ୍ବା ତାଙ୍କ ଚାରିପାଖର କାହାର କ୍ଷତି କରୁନାହାନ୍ତି ବୋଲି ନିଶ୍ଚିତ ହେବାକୁ ପଡିବ ।

ଆପଣ ଏ ପ୍ରକାରର ଶୃଙ୍ଖଳାର କିଛି ସୁବିଧା ଭାବି ପାରୁଛନ୍ତି ? ହଁ, ଆପଣ ଠିକ୍ କହୁଛନ୍ତି, ପିଲାମାନେ ନିୟମ ପାଳନ କରିବା ଏବଂ ସମ୍ମାନ ଦେବା ଶିଖିବେ, ନିଜ ଭିତରେ ଆତ୍ମ-ବିଶ୍ୱାସ ବିକଶିତ କରାଇବେ, ନେତୃତ୍ୱ ନେବା ଶିଖିବେ ଏବଂ ସ୍ୱାଧୀନ ଭାବେ କାର୍ଯ୍ୟ କରିବେ । ପିଲାମାନେ ମଧ୍ୟ ସେମାନଙ୍କର ପାଳି ସମ୍ପର୍କରେ ଶିଖିବେ, ସହଯୋଗ କରିବେ ଏବଂ ଧୈର୍ଯ୍ୟଶୀଳ ହେବେ ।

ଆପଣ ଏ ପ୍ରକାର ଶୃଙ୍ଖଳା ଘରେ ଦେଖିପାରିବେ । ଯେକୌଣସି ପରିବାରକୁ ଠିକ୍ ଭାବେ ନିରୀକ୍ଷଣ କରନ୍ତୁ ଏବଂ ପିଲାମାନେ କେମିତି ଶୃଙ୍ଖଳିତ ଦେଖନ୍ତୁ ।

କାର୍ଯ୍ୟ

ନିକଟବର୍ତ୍ତୀ ପ୍ରାକ୍ ବିଦ୍ୟାଳୟ/ ଖେଳକେନ୍ଦ୍ର ପରିଦର୍ଶନ କର ଏବଂ ଶିକ୍ଷକଙ୍କ ଠାରୁ ଏହାର ଉଦ୍ଦେଶ୍ୟଗୁଡିକ ବିଷୟରେ ଜାଣ । ତା'ପରେ ଏ ପାଠରେ ଦିଆଯାଇଥିବା ଉଦ୍ଦେଶ୍ୟ ଆଧାରରେ ଏଗୁଡିକର ମୂଲ୍ୟାୟନ କର ।

### ପାଠଗତ ପ୍ରଶ୍ନାବଳୀ ୨୭.୨

୧. ସତ୍ୟ କି ମିଥ୍ୟା ଉଲ୍ଲେଖ କର :

(i) ଗୋଟିଏ ଖେଳକେନ୍ଦ୍ରର ସୁପରିଚାଳନା ପାଇଁ ଉଦ୍ଦେଶ୍ୟଗୁଡିକ ମୂଳରୁ ଆବଶ୍ୟକ ।

(ii) ଗୋଟିଏ ଖେଳକେନ୍ଦ୍ରରେ ପିଲାମାନେ କେବଳ ଦଳଗତ ଖେଳ ହିଁ ଖେଳିବା ଉଚିତ । ସତ୍ୟ/ ମିଥ୍ୟା

(iii) ଏକ ସୁରକ୍ଷିତ ଏବଂ ସହାୟକ ପରିବେଶ ପେଶୀୟ ଦକ୍ଷତା ବିକାଶରେ ମହତ୍ତ୍ୱପୂର୍ଣ୍ଣ ଅଟେ । ସତ୍ୟ/ ମିଥ୍ୟା

(iv) ଗୋଟିଏ ଖେଳ କେନ୍ଦ୍ରରେ ପିଲାମାନଙ୍କୁ ପଢିବା, ଲେଖିବା ଏବଂ ଗଣିତ କରିବା (ହିସାବ କରିବା) ସହିତ ପରିଚିତ କରାଯାଏ । ସତ୍ୟ/ମିଥ୍ୟା

(v) ଗୋଟିଏ ଖେଳକେନ୍ଦ୍ର ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଏ । ସତ୍ୟ /ମିଥ୍ୟା

୨. ଠିକ୍ ଉତ୍ତରଟି ବାଛ :

(i) ଅଧିକାରୀବାଦୀ ଶୃଙ୍ଖଳା :

(କ) ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତା ଦାବି କରେ ।

(ଖ) ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରେ ।

(ଗ) କମ୍ ଆଜ୍ଞାନୁବର୍ତ୍ତିତା ଦାବି କରେ ଏବଂ ଅଧିକ ସ୍ୱାଧୀନତା ପ୍ରଦାନ କରେ ।

(ଘ) ଅଧିକ ଆଜ୍ଞାନୁବର୍ତ୍ତିତା ଦାବି କରେ ଏବଂ କମ୍ ସ୍ୱାଧୀନତା ପ୍ରଦାନ କରେ ।

(ii) ଉଦାରବାଦୀ ଶୃଙ୍ଖଳା :

(କ) ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତା ଦାବି କରେ ।

(ଖ) ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରେ ।

(ଗ) କମ୍ ଆଜ୍ଞାନୁବର୍ତ୍ତିତା ଦାବି କରେ ଏବଂ ଅଧିକ ସ୍ୱାଧୀନତା ପ୍ରଦାନ କରେ ।

(ଘ) ଅଧିକ ଆଜ୍ଞାନୁବର୍ତ୍ତିତା ଦାବି କରେ ଏବଂ କମ୍ ସ୍ୱାଧୀନତା ପ୍ରଦାନ କରେ ।

(iii) ଗଣତାନ୍ତ୍ରିକ ଶୃଙ୍ଖଳା :

(କ) ପୂର୍ଣ୍ଣ ଅଜ୍ଞାନୁବର୍ତ୍ତିତା ଦାବି କରେ ।

(ଖ) ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରେ ।

(ଗ) କମ୍ ଆଜ୍ଞାନୁବର୍ତ୍ତିତା ଦାବି କରେ ଏବଂ ଅଧିକ ସ୍ୱାଧୀନତା ପ୍ରଦାନ କରେ ।

(ଘ) ଅଧିକ ଆଜ୍ଞାନୁବର୍ତ୍ତିତା ଦାବି କରେ ଏବଂ କମ୍ ସ୍ୱାଧୀନତା ପ୍ରଦାନ କରେ ।

(iv) ଗୋଟିଏ ଭଲ ଖେଳକେନ୍ଦ୍ର ଏକ ଶୃଙ୍ଖଳା ପଦ୍ଧତି ଅନୁସରଣ କରିବା ଉଚିତ ଯାହାକି :

(କ) ଅଧିକାରବାଦୀ

(ଖ) ଉଦାରବାଦୀ

(ଗ) ଗଣତାନ୍ତ୍ରିକ

(ଘ) ଏଗୁଡ଼ିକ ମଧ୍ୟରୁ କୌଣସିଟି ନୁହେଁ

(v) ପିଲାମାନେ ମିଛ କହିବା ଅଭ୍ୟାସରେ ପଡନ୍ତି ଯଦି ଅନୁସୃତ ଶୃଙ୍ଖଳାଟି :

(କ) ଅଧିକାରବାଦୀ ଅଟେ

(ଖ) ଉଦାରବାଦୀ ଅଟେ

(ଗ) ଗଣତାନ୍ତ୍ରିକ ଅଟେ

(ଘ) ଏଗୁଡ଼ିକ ମଧ୍ୟରୁ କୌଣସିଟି ନୁହେଁ

(vi) ପିଲାମାନେ ପ୍ରଚେଷ୍ଟା କରିବା ଶିଖନ୍ତି ଯଦି ଶୃଙ୍ଖଳା ପଦ୍ଧତିଟି :

(କ) ଅଧିକାରବାଦୀ

(ଖ) ଉଦାରବାଦୀ

(ଗ) ଗଣତାନ୍ତ୍ରିକ

(ଘ) ଏଗୁଡ଼ିକ ମଧ୍ୟରୁ କୌଣସିଟି ନୁହେଁ

(vii) ପିଲାମାନେ ନିଜ ଭିତରେ ଆତ୍ମବିଶ୍ୱାସ ବିକଶିତ କରାନ୍ତି, ଯଦି ସେମାନେ ପାଳିତ ହେଉଥିବା ଶୃଙ୍ଖଳା ପଦ୍ଧତିଟି :

(କ) ଅଧିକାରବାଦୀ

(ଖ) ଉଦାରବାଦୀ

(ଗ) ଗଣତାନ୍ତ୍ରିକ

(ଘ) ଏଗୁଡ଼ିକ ମଧ୍ୟରୁ କୌଣସିଟି ନୁହେଁ

## ୨୭.୫ ଖେଳକେନ୍ଦ୍ରରେ ପିଲାମାନଙ୍କର ବ୍ୟବହାରିକ ସମସ୍ୟା

ପିଲାମାନେ ଅନେକ ସମୟରେ ଅନୁଚିତ ବ୍ୟବହାର ଦେଖାନ୍ତି । ଉଦାହରଣସ୍ୱରୂପ, ପିଲାଟି ସମସ୍ତଙ୍କୁ ବାଡେଇବା, ଜିନିଷ ଭାଙ୍ଗିବା, ଗାଳି କରିବା, ମିଛ କହିବା ଇତ୍ୟାଦି ଅଭ୍ୟାସଗତ ହୋଇପାରେ । ଏହି ବ୍ୟବହାରଗୁଡିକ ପିଲାକୁ ଖାଲି ଶାରୀରିକ କ୍ଷତି କରେ ନାହିଁ, ବରଂ ଅନ୍ୟପିଲାଙ୍କ ପାଖରେ ଅପ୍ରିୟ କରାଏ ।

**କାରଣ :** ପିଲାମାନେ କାହିଁକି ଏସବୁ ବ୍ୟବହାର ପ୍ରଦର୍ଶନ କରନ୍ତି ତା'ର ଅନେକ କାରଣ ହୋଇପାରେ । ଏଠାରେ ସେଥିରୁ କେତେକ ନିମ୍ନରେ ଉଲ୍ଲେଖ କରାଯାଇଛି ।

- ଯେତେବେଳେ ପିଲାମାନେ ଏମିତି ଏକ ପରିବେଶରେ ବଢନ୍ତି ଯାହାକି ନିଜକୁ ପରିପ୍ରକାଶ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ, ସେମାନେ ସେତେବେଳେ ଏମିତି ବ୍ୟବହାର ପ୍ରଦର୍ଶନ କରନ୍ତି ଯାହାକି ଅଗ୍ରହଣୀୟ ହୋଇଥାଏ ।

- ଯେତେବେଳେ ବାପା ମା ଏବଂ ଶିକ୍ଷକମାନେ ପିଲାମାନଙ୍କ ଠାରୁ ଅନେକ କିଛି ଆଶା କରନ୍ତି ଏବଂ ସେମାନେ ଏହାକୁ ପୂରଣ କରିବା ପାଇଁ ଅକ୍ଷମ ହୁଅନ୍ତି, ସେମାନେ ଅଗ୍ରହଣୀୟ ବ୍ୟବହାର ପ୍ରଦର୍ଶନ କରନ୍ତି ।

- ବହୁ ସମୟରେ ପିଲାମାନେ ଶିଖିଥାନ୍ତି ଯେ ଅଗ୍ରହଣୀୟ ବ୍ୟବହାର ଆଶା କରାଯାଉଥିବା ଜିନିଷ ପାଇବାର ଏକ ମାଧ୍ୟମ । ଉଦାହରଣ ସ୍ୱରୂପ ପିଲାଟି ଶିଖେ ଯେ ଯେତେବେଳେ ସେ ତାର ସାନ ଭାଇ ଭଉଣୀକୁ ମାରେ ବାପା ମା'ମାନେ ତା' ପ୍ରତି ଧ୍ୟାନ ଦିଅନ୍ତି କିମ୍ବା ସେ ଯେତେବେଳେ କାନ୍ଦେ କିମ୍ବା ତଳେ ଗଡେ ସେ ଚାହୁଁଥିବା ଖେଳଣା ତାକୁ ମିଳିଯାଏ ।

- ଯେତେବେଳେ ପରିବାରର ପରିବେଶ ବିଶୃଙ୍ଖଳିତ ଯଥା ଯେତେବେଳେ ବାପା ମା'ଙ୍କ ପରସ୍ପର ମଧ୍ୟରେ ଗଣ୍ଡଗୋଳ କରନ୍ତି, ପରସ୍ପର ବାଡିଆବାଡି ହୁଅନ୍ତି, କିମ୍ବା ଯେତେବେଳେ ମା ଏବଂ ବୁଢୀମା ମଧ୍ୟରେ ଭଲ ପଡେ ନାହିଁ, ସେତେବେଳେ ପିଲାମାନେ ଆଗ୍ରହଣୀୟ ବ୍ୟବହାର ଦେଖାନ୍ତି ।

- ଯେତେବେଳେ ପିଲାର ଜୀବନରେ କୌଣସି ସଂକଟ ଦେଖାଦିଏ ଯଥା କୌଣସି ସାନ ଭାଇଭଉଣୀଙ୍କୁ ଜନ୍ମ, ନିଜର ଲୋକ ମରିଯିବା ଇତ୍ୟାଦି ପରିସ୍ଥିତିରେ ପିଲାମାନେ ଅଗ୍ରହଣୀୟ ବ୍ୟବହାର ଦେଖାନ୍ତି ।

- ପିଲାମାନେ ଅଗ୍ରହଣୀୟ ବ୍ୟବହାର ଦେଖାଇପାରନ୍ତି କାରଣ ଶାରୀରିକ ସ୍ତରରେ ସେମାନେ ପରିବେଶ ସହିତ ମୁକାବିଲା କରିପାରନ୍ତି ନାହିଁ । ଯେତେବେଳେ ସେମାନେ ଦୀର୍ଘଦିନ ଧରି ଅସୁସ୍ଥ ରହନ୍ତି କିମ୍ବା ବାରମ୍ବାର ରୋଗାକ୍ରାନ୍ତ ରହନ୍ତି ଏପରି ବ୍ୟାବାହର ଦେଖାନ୍ତି ।

ଖେଳ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଯତ୍ନକାରୀମାନେ ସତର୍କ ଏବଂ ବିଚାରବନ୍ତ ହେବା ଦରକାର । ଯେତେବେଳେ ପିଲାଟି ଏମିତି ଅଗ୍ରହଣୀୟ ବ୍ୟବହାର ଦେଖାଏ ସେମାନେ ସଂଗେ ସଂଗେ କାର୍ଯ୍ୟ କରିବା ଆବଶ୍ୟକ । ଯେହେତୁ ବହୁ ସମୟରେ ବ୍ୟବହାରର କାରଣ ଘରୁ ଆରମ୍ଭ ହୋଇଥାଏ, ସେମାନେ ବାପା ମାଙ୍କ ସହଯୋଗ ନେବା ଉଚିତ ଏବଂ ସମସ୍ୟା ବୁଝିବା ଦରକାର ଏବଂ ଯୋଜନା କରିବା ଆବଶ୍ୟକ ଯାହାକି ସମସ୍ୟାର ସମାଧାନ କରିପାରିବ । ଦଣ୍ଡ, ଗାଳିମନ୍ଦ କିମ୍ବ ଥଟ୍ଟା ପରିହାସ ସାହାଯ୍ୟ କରିବ ନାହିଁ । କେତେକ ସାଧାରଣ ବ୍ୟବହାରିକ ସମସ୍ୟା ଟେବୁଲ ୨୭.୧ରେ ଉଲ୍ଲେଖ କରାଯାଇଛି ଏବଂ ଏହା ସହିତ ବୟସ୍କ (ପ୍ରୌଢ) ଲୋକମାନେ କ'ଣ କରନ୍ତି ଯାହା ନକରିବା ଉଚିତ ଏବଂ ସେମାନେ କ'ଣ କରିବା ଉଚିତ ବର୍ଣ୍ଣନା କରାଯାଇଛି ।

ଟେବୁଲ ୨୭.୧ ଛୋଟ ପିଲାଙ୍କ ଭିତରେ ଅନୁଭୂତ କେତେକ ସାଧାରଣ ବ୍ୟବହାରିକ ସମସ୍ୟା

| | ବ୍ୟବହାର | ଅର୍ଥ | କରନ୍ତୁ ନାହିଁ | କରନ୍ତୁ |
|---|---|---|---|---|
| (କ) | **ଅନ୍ୟ ପିଲାଙ୍କୁ ଆଘାତ ଦେବା** | କ୍ରୋଧ ଭାବନା | ଦଣ୍ଡଦେବା କିମ୍ବା ଆଘାତ ଦେବା ତାଙ୍କୁ ଅନୁଭବ କରାଇବା | ଧ୍ୟାନ ପରିବର୍ତ୍ତନ ଅନ୍ୟ ପିଲାଙ୍କ ଠାରୁ ଦୂରେଇନେବା ପିଲାଙ୍କୁ ଅନ୍ୟ ଭାବନା ମାଧ୍ୟମରେ ଆତ୍ମୀୟତା ଅନୁଭବ କରିବାର ସୁଯୋଗ ଦେବା |
| (ଖ) | **ଜିନିଷ ନଷ୍ଟ କରିବା** | ଅସହାୟତା ଅନୁଭବ<br>ଈର୍ଷା<br>ବିରକ୍ତି | ଗାଳିଦେବା<br>ପାଟି କରିବା<br>ଦଣ୍ଡଦେବା | ମୂଲ୍ୟବାନ ଦ୍ରବ୍ୟ ଗୁଡିକୁ ଦୂରେଇ ରଖିବା |
| | | ଦୃଷ୍ଟି ଆକର୍ଷଣ | ଚାପୁଡ଼ା ମାରିବା କିମ୍ବା ଆଘାତ ଦେବା | ଖେଳ ପାଇଁ ସ୍ଥାନ ଯୋଗାଇଦେବା ସ୍ୱଳ୍ପ ମୂଲ୍ୟର ବିକଳ୍ପ ପ୍ରଦାନ କରିବା ଅନ୍ୟାନ୍ୟ କାର୍ଯ୍ୟରେ ପିଲାର ଦୃଷ୍ଟି ପରିବର୍ତ୍ତନ କରିବା ଏବଂ ସଂଶ୍ଳିଷ୍ଟ କରାଇବା |
| (ଗ) | **ଆଙ୍ଗୁଠି ଚୁଚୁମିବା** | -ଭଲ ପାଇବା ଆରାମ ଏବଂ ନିର୍ଭର | ଆଙ୍ଗୁଠି ଛନ୍ଦିବା ବା ପିତା/ତିକ୍ତ ଔଷଧ ଆଙ୍ଗୁଠିରେ ଲଗାଇବା | -ଚୁଚୁମିବାରେ ସନ୍ତୋଷ ପ୍ରଦାନ |

| | | | |
|---|---|---|---|
| | ପ୍ରତିଶ୍ରୁତିରେ ଆବଶ୍ୟକତା | | - ସ୍ନେହ ଏବଂ ଶ୍ରଦ୍ଧାପ୍ରଦାନ |
| | - କ୍ଳାନ୍ତି<br>- କ୍ଷୁଧା<br>- ଅସନ୍ତୋଷ | | ଆନନ୍ଦ ପ୍ରଦାନକାରୀ କାର୍ଯ୍ୟାବଳୀ<br>- ପିଲାପାଇଁ ଆବଶ୍ୟକୀୟ ପଦାର୍ଥ ପ୍ରଦାନ |
| | -ବିରକ୍ତି | | |
| (ଘ) **ବିଛଣାରେ ପରିସ୍ରା କରିବା** | ପ୍ରଶିକ୍ଷଣ ପାଇଁ ଅପ୍ରସ୍ତୁତ | -ଡରେଇବା, ଦଣ୍ଡଦେବା | -ପିଲାଟି ଯାହା ସେହିପରି ତାକୁ ଗ୍ରହଣ କରିନେବା |
| | - ଭୟ | -ପୂର୍ବ ତଥ୍ୟ ଉପରେ ଜିଦ୍ ଧରିବା | ଅଚାନକ ବିଛଣାରେ ପରିସ୍ରା କରିବାକୁ ସ୍ୱୀକାର କରିନେବା |
| | -ଅସୁରକ୍ଷିତ ଧାରଣା | - ତୁମେ ପିଲାକୁ ଭଲ ପାଉ ନାହଁ ବୋଲି କହିବା | ପିଲାକୁ ଆତ୍ମବିଶ୍ୱାସୀ ହେବା ପାଇଁ ସାହାଯ୍ୟ ଏବଂ ପ୍ରୋତ୍ସାହିତ କରିବା |
| (ଙ) **ମିଛ କହିବା** | -ଦଣ୍ଡ ପାଇବାର ଭୟ<br>-ଅତିରଞ୍ଜିତ କରି କହିବା | -ନୀତିଶିକ୍ଷା କିମ୍ବା ଦଣ୍ଡ କିମ୍ବା ପ୍ରତ୍ୟାଖ୍ୟାନ କରିବା | -କାରଣ ଜାଣିବା<br>-ଆବଶ୍ୟକ ଧ୍ୟାନ ଦେବା |
| | -କଳ୍ପନା<br>-ଦୃଷ୍ଟି ଆକର୍ଷଣ | -ଭୁଲ/କ୍ଷମା ମାଗିବାକୁ କହିବା<br>- ବିରକ୍ତ ହେବା | -କଳ୍ପନାର ସମୃଦ୍ଧି ପାଇଁ ସୁଯୋଗ ଦେବା<br>- ସତ କହିବା |
| (ଚ) **ଖାଇବାକୁ ଅମଙ୍ଗ ହେବା** | -ଭୋକ ନଲାଗିବା<br>-ଅସୁସ୍ଥ ଅନୁଭବ କରିବା<br>-ନିର୍ଦ୍ଦିଷ୍ଟ କିଛି ଖାଦ୍ୟକୁ ନାପସନ୍ଦ କରିବା | -ବାଧ୍ୟ କରିବା<br>-କଥା ବଢାଇବା<br>-ପୁରସ୍କାର, ଭୟ ପ୍ରଦର୍ଶନ ଖାଇବାକୁ ବାଧ୍ୟ କରିବା | -ଶାନ୍ତ ରହିବା<br>-ପ୍ରିୟଖାଦ୍ୟ ସହ ନୂଆ ଖାଦ୍ୟ ଯୋଗ କରିବା |
| (ଛ) **ଭୟ** | -ଦୁଃଖଦ କଷ୍ଟ ମୁହୂର୍ତ୍ତକୁ ସମୀକ୍ଷା କରିବା | -ଭୟର କାରଣ ଜାଣିବା ପାଇଁ ଜୋରଦେବା, | -ପୁନର୍ବାର ଆଶ୍ୱସ୍ତି ପ୍ରଦାନ ଏବଂ ଆରାମ ସ୍ଥିତିରେ ରଖିବା |

| | | | |
|---|---|---|---|
| | - ବାପ ମା'ଙ୍କ ଦୃଷ୍ଟି ଆକର୍ଷଣର ଆବଶ୍ୟକତା<br>- ଦୋଷୀ ଏବଂ ଅପ୍ରିୟ ଅନୁଭବ କରିବା | ଲଜ୍ଜିତ କିମ୍ବା ଭୟଭୀତ କରାଇବା | - ପରିବେଶକୁ ସୁଖମୟ କରିବା<br>-ପ୍ରଚେଷ୍ଟାକୁ ପ୍ରୋତ୍ସାହିତ କରିବା<br>- ଶଙ୍କାକୁଳ ପରିସ୍ଥିତିକୁ ଦୂର କରିବା ଏବଂ ନିଜକୁ ସାହାଯ୍ୟ କରିବା ପାଇଁ ସହାୟତା ପ୍ରଦାନ କରିବା |
| (ଜ) **ଚୋରି** | -ସମ୍ପତ୍ତି ଅଧିକାର ସମ୍ବନ୍ଧୀୟ ଅଜ୍ଞତା | ଗାଳିଦେବା, ଖରାପ ଭାବିବା | ପିଲାଙ୍କୁ ଜିନିଷ ଦେଇଦିଅ |
| | -ଅପୂରଣୀୟ ଅଜ୍ଞତା ଆବଶ୍ୟକତା | ଦଣ୍ଡଦେବା ବା ପ୍ରତ୍ୟାଖ୍ୟାନ କରିବା | ଏବଂ ତାକୁ ମାଲିକାନାର ଭାବନା ଦିଅ |
| | -ଚିଡ଼ିଚିଡ଼ା ସ୍ୱଭାବ | -ସ୍ନେହରୁ ବଞ୍ଚିତ କରିବା | -ଦୟାଶୀଳ ଓ ସହାନୁଭୂତିଶୀଳ |
| | - ବିରୋଧୀ ମନୋଭାବ | - ଅନ୍ୟ ଆଗରେ ଅପମାନ କରିବା | ହୁଅ ଏବଂ ଅତ୍ୟଧିକ କଠୋର ହୁଅ ନାହିଁ<br>- ସୃଜନଶୀଳତାର ସୁଯୋଗ ଦିଅ<br>-ଭଲ/ବାସ୍ତବ ବନ୍ଧୁ ତିଆରି କରିବାରେ ସାହାଯ୍ୟ କର |

## କାର୍ଯ୍ୟ

ଆପଣଙ୍କ ପାଖ ପଡୋଶୀରେ ଦୁଇଟି ପିଲାଙ୍କୁ ନିରୀକ୍ଷଣ କରି ସେମାନଙ୍କର କୌଣସି ବ୍ୟବହାର ସମ୍ପର୍କିତ ସମସ୍ୟା ଚିହ୍ନଟ କର । ଉପରୋକ୍ତ ବର୍ଣ୍ଣନା ଅନୁଯାୟୀ ବ୍ୟବହାରଗୁଡ଼ିକ କେତେଦୂର ନିକଟତର ନିରୀକ୍ଷଣ କର । ବାପା ମା'ମାନେ କେମିତି ଏହିସବୁ ବ୍ୟବହାରଗୁଡ଼ିକୁ ପରିଚାଳନା କରୁଛନ୍ତି ତାହା ନିରୀକ୍ଷଣ କର ।

## ପାଠଗତ ପ୍ରଶ୍ନାବଳୀ ୨୭.୩

୧. ଶୂନ୍ୟସ୍ଥାନ ପୂରଣ କର :

(i) ପିଲାକୁ ............ ଶୃଙ୍ଖଳା ପଦ୍ଧତିରେ ମାର୍ଗଦର୍ଶନ ଦିଆଯାଏ ନାହିଁ ।

(ii) .............. ଶୃଙ୍ଖଳା ପଦ୍ଧତି ପିଲା ପାଇଁ ସର୍ବାଧିକ ଉପଯୋଗୀ କାରଣ ଏହା ନିଜକୁ ପରିପ୍ରକାଶ କରିବାରେ ସ୍ୱାଧୀନତା ପ୍ରଦାନ କରେ ।

(iii) ................ ଶୃଙ୍ଖଳା ପଦ୍ଧତିରେ ବାପା ମା'ମାନେ କାରଣ ପରିବର୍ତ୍ତେ ପ୍ରଭୁତ୍ୱ ଦ୍ୱାରା ପରିଚାଳନା କରନ୍ତି ।

(iv) ଯେଉଁ ପିଲା ଚୋରି କରିବା ବ୍ୟବହାର ଦେଖାଏ ଆପଣ ତାକୁ .................. କିମ୍ବା .............. କରିବା ଉଚିତ ନୁହେଁ ।

(v) ବିଶୃଙ୍ଖଳିତ ପାରିବାରିକ ପରିବେଶ ଦ୍ୱାରା.................... ସୃଷ୍ଟି ହୋଇପାରେ ।

୨. ଠିକ୍ ଉତ୍ତରଟି ବାଛ :

(i) ପରିବେଶ କିପରି ହେଲେ, ପିଲାମାନେ ଅଗ୍ରହଣୀୟ ବ୍ୟବହାର ଦେଖାନ୍ତି ?

(କ) ପ୍ରତିରୋଧାତ୍ମକ

(ଖ) ମୁକ୍ତ

(ଗ) ପ୍ରତିରୋଧାତ୍ମକ ଏବଂ ମୁକ୍ତ

(ଘ) ଉପରୋକ୍ତ କୌଣସିଟି ନୁହେଁ

(ii) କେଉଁ ଶୃଙ୍ଖଳା ପଦ୍ଧତିରେ ପିଲାମାନଙ୍କ ପାଇଁ ଦଣ୍ଡ ଓ ବିଦ୍ରୂପ ପ୍ରୟୋଗ କରାଯାଏ ?

(କ) ଅଧିକାରୀବାଦୀ ଶୃଙ୍ଖଳା

(ଖ) ଗଣତାନ୍ତ୍ରିକ ଶୃଙ୍ଖଳା

(ଗ) ଉଦାରବାଦୀ ଶୃଙ୍ଖଳା

(ଘ) ଉପରୋକ୍ତ ସମସ୍ତ ଶୃଙ୍ଖଳା

(iii) ପିଲାଟି ନିଜର ଆଙ୍ଗୁଠି ଚୁଚୁମେ କାରଣ ସେ

(କ) ବିରକ୍ତ

(ଖ) ଅସୁରକ୍ଷିତ

(ଗ) ଭୟଭୀତ

(ଘ) ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ

(iv) ପିଲାଟି ଶେଯରେ ପରିସ୍ରା କରେ କାରଣ ସେ :

(କ) ବିରକ୍ତ

(ଖ) ଅସୁରକ୍ଷିତ

(ଗ) ଭୟଭୀତ

(ଘ) ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ

(v) ପିଲାଟି ମିଛ କହେ କାରଣ ସେ :

(କ) ବିରକ୍ତ

(ଖ) ଅସୁରକ୍ଷିତ

(ଗ) ଭୟଭୀତ

(ଘ) ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ

(vi) ପିଲାଟି ଜିନିଷପତ୍ର ନଷ୍ଟକରେ କାରଣ ସେ :

(କ) ବିରକ୍ତ

(ଖ) ଅସୁରକ୍ଷିତ

(ଗ) ଭୟଭୀତ

(ଘ) ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ

(vii) ପିଲାଟି ଚୋରି କରେ କାରଣ ସେ:

(କ) ବିରକ୍ତ

(ଖ) ଅସୁରକ୍ଷିତ

(ଗ) ଭୟଭୀତ

(ଘ) ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ

(viii) ପିଲାଟି ବାରମ୍ବାର ଖାଇବାକୁ ମନାକରେ କାରଣ ସେ :

(କ) ବିରକ୍ତ

(ଖ) ଅସୁରକ୍ଷିତ

(ଗ) ବିରୋଧୀ ସ୍ୱଭାବର

(ଘ) ଅସୁସ୍ଥ

## ଆପଣ କ'ଣ ଶିଖିଲେ

ଖେଳକେନ୍ଦ୍ର କ'ଣ (ଅର୍ଥ ଏବଂ ବୈଶିଷ୍ଟ୍ୟ) ?

| ଆବଶ୍ୟକତା ଏବଂ ଆଧାର | ଉଦ୍ଦେଶ୍ୟ | ପିଲାମାନଙ୍କୁ ପରିଚାଳନା କରିବା | ପିଲାମାନଙ୍କ ଭିତରେ ବ୍ୟବହାରିକ ସମସ୍ୟା |
|---|---|---|---|
| -ଖେଳ ପିଲାମାନଙ୍କର ଶିକ୍ଷଣର ମାଧ୍ୟମ | -ସର୍ବାଙ୍ଗୀନ ବିକାଶକୁ ବୃଦ୍ଧି କରାଇବା | -ଅଧିକାରୀବାଦୀ | -କାରଣ |
| -ସ୍ୱଳ୍ପକାଳୀନ ମନଯୋଗ | -ଶିକ୍ଷଣ ପାଇଁ ସୁଯୋଗ | -ଉଦାରବାଦୀ | -ପ୍ରକାର |
| -ମସ୍ତିଷ୍କ ବିକାଶ | -ଉତ୍ତମ ଅଭ୍ୟାସ ଶିଖିବା | -ଗଣତାନ୍ତ୍ରିକ | -ପରିଚାଳନା କରିବାର ମାଧ୍ୟମ |
| -ପରସ୍ପର ଠାରୁ ଶିଖିବା | -ସୌନ୍ଦର୍ଯ୍ୟାଭୂତିର ସୂକ୍ଷ୍ମାନୁଭବ | | |
| -ପ୍ରୋତ୍ସାହନ ଜାରି ରଖିବା | -ସାମାଜିକ-ଆବେଗିକ ପରିପକ୍ୱତା | | |
| -ଅବିରତ ମୂଲ୍ୟାୟନ | -ବୌଦ୍ଧିକ ଉଦ୍ଦୀପନ | | |
| | -ସୁରକ୍ଷିତ ପରିବେଶ | | |
| | -ଅଭିବ୍ୟକ୍ତିର ବିକାଶ | | |
| | -ସ୍ୱାଧୀନତା ପ୍ରୋତ୍ସାହନ | | |

## ଅନ୍ତିମ ପ୍ରଶ୍ନାବଳୀ

୧. ଗୋଟିଏ ଖେଳକେନ୍ଦ୍ରର ଉଦ୍ଦେଶ୍ୟ କିପରି ଏହାର ବୈଶିଷ୍ଟ୍ୟ ଏବଂ କାର୍ଯ୍ୟକ୍ରମକୁ ନିର୍ଦ୍ଧାରଣ କରେ ?

୨. ଆପଣ କିପରି ଖେଳକେନ୍ଦ୍ରରେ ଗଣତାନ୍ତ୍ରିକ ଶୃଙ୍ଖଳା ପଦ୍ଧତି ପ୍ରୟୋଗ କରିପାରିବେ। ସେ ବିଷୟରେ ଗୋଟିଏ ଅନୁଚ୍ଛେଦ (ପାରାଗ୍ରାଫ୍) ଲେଖନ୍ତୁ ।

୩. ପିଲାମାନଙ୍କ ଭିତରେ ବ୍ୟବହାରିକ ସମସ୍ୟାଗୁଡ଼ିକର କାରଣ କ'ଣ ?

୪. ଆପଣଙ୍କ ଅନୁସାରେ କେଉଁ ପ୍ରକାରର ବ୍ୟବହାରିକ ସମସ୍ୟା ବାପା ମାଆଙ୍କୁ ପରିଚାଳନା କରିବା ପାଇଁ ଅତ୍ୟନ୍ତ କଷ୍ଟପୂର୍ଣ୍ଣ ଅଟେ । କାରଣ ଦର୍ଶାନ୍ତୁ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୭.୧**

(୧) ମିଥ୍ୟା (୨) ମିଥ୍ୟା, (୩) ମିଥ୍ୟା, (୪) ସତ୍ୟ, (୫) ସତ୍ୟ

**୨୭.୨**

୧. (i) ସତ୍ୟ, (ii) ମିଥ୍ୟା, (iii) ସତ୍ୟ, (iv) ମିଥ୍ୟା, (v) ସତ୍ୟ

୨. (i) କ, (ii) ଖ, (iii) ଗ, (iv) ଗ, (v) କ, (vi) ଗ, (vii) ଗ,

**୨୭.୩**

୧. (i) ଉଦାରବାଦୀ, (ii) ଗଣତାନ୍ତ୍ରିକ, (iii) ଅଧିକାରୀବାଦୀ,
(iv) ଦଣ୍ଡପ୍ରଦାନ, ଭର୍ତ୍ସନା, (v) ବ୍ୟବହାରିକ ସମସ୍ୟା

୨. (i) କ, (ii) କ, (iii) କ, (iv) ଖ, (v) ଗ (vi) ଘ,
(vii) ଘ, (viii) ଘ

# ୨୮

# ଖେଳକେନ୍ଦ୍ର : ଗଠନଗତ ସବିଶେଷ ତଥ୍ୟ
# PLAY CENTRE : STRUCTURAL DETAILS

ଖେଳକେନ୍ଦ୍ର ୨ରୁ ୫ ବର୍ଷ ବୟସର ପିଲାମାନଙ୍କ ପାଇଁ ଆସିବା ଏବଂ ଖେଳିବା, ନିରୀକ୍ଷଣ କରିବା (ଅନୁସନ୍ଧାନ କରିବା) ଏବଂ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିବାର ଏକ ସ୍ଥାନ । ସେମାନେ ସେ କାମକୁ ନିରାପଦରେ କରନ୍ତି ଏବଂ ସର୍ବୋତ୍ତମ ବିକାଶ ସାଧିତ କରାନ୍ତି । ଏଥିପାଇଁ ଜଣେ ଖେଳକେନ୍ଦ୍ର ପ୍ରତିଷ୍ଠା ଉପରେ ସବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ । ଯଦି ଆପଣ ପୂର୍ବରୁ ଗୋଟିଏ ଭଲ ଖେଳକେନ୍ଦ୍ର ଦେଖିସାରିଛନ୍ତି, ଆପଣ ଦେଖିଥିବେ ବିଭିନ୍ନ କାର୍ଯ୍ୟ ପାଇଁ ଏଠାରେ ସ୍ଥାନ ଅଛି, ଖାଲି ପିଲାଙ୍କ ପାଇଁ ନୁହେଁ, ଆପଣ ମଧ୍ୟ ପିଲା ଏବଂ ଅନ୍ୟାନ୍ୟ ଜିନିଷ ଭିତରେ ରହି ସନ୍ତୋଷ ଅନୁଭବ କରନ୍ତି । ଆପଣ କାହିଁକି ଖୁସି/ସନ୍ତୋଷ ଅନୁଭବ କରନ୍ତି ? ଖାଲି ସ୍ଥାନ କ'ଣ ଗୋଟିଏ କାରଣ ? ଗୋଟିଏ ଖେଳକେନ୍ଦ୍ରକୁ ଭଲ କରିବା ପାଇଁ ଅନ୍ୟାନ୍ୟ ଉପାଦାନଗୁଡ଼ିକ କ'ଣ ?

## ଉଦ୍ଦେଶ୍ୟ

ଏହି ପାଠଟି ପଢ଼ିସାରିଲା ପରେ, ଆପଣ :

- ଗୋଟିଏ ଖେଳକେନ୍ଦ୍ରର ଭୌତିକ ଗଠନ ଏବଂ ସୁବିଧା ସୁଯୋଗ ସମ୍ପର୍କରେ ଜ୍ଞାନଲାଭ କରିପାରିବେ;
- ଆବଶ୍ୟକ ଯନ୍ତ୍ରପାତି/ ଉପକରଣ ଏବଂ ଜିନିଷପତ୍ର ସମ୍ପର୍କରେ ତଥ୍ୟ ଯୋଗାଇପାରିବେ ଏବଂ
- ଖେଳକେନ୍ଦ୍ରର କର୍ମଚାରୀଙ୍କ ସମ୍ପର୍କରେ କେତେକ ଆନୁସଙ୍ଗିକ ତଥ୍ୟ ଉଲ୍ଲେଖ କରିପାରିବେ ।

## ୨୮.୧ ଅବସ୍ଥିତି ଏବଂ ସ୍ଥାନ ଆବଶ୍ୟକତା

ଗୋଟିଏ ଖେଳକେନ୍ଦ୍ର ଯାହାକି ଖେଳ ଏବଂ କାର୍ଯ୍ୟକ୍ରମ ଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରେ ନିଶ୍ଚିତ ଭାବେ ଯଥେଷ୍ଟ ପରିମାଣର ସ୍ଥାନ ଆବଶ୍ୟକ କରେ । ଅବଶ୍ୟ ଅବସ୍ଥିତି, ନିରାପତ୍ତା, ପରିମଳ ବ୍ୟବସ୍ଥା ଏବଂ ବାୟୁ ଚଳାଚଳ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ଅଟେ । ଖେଳସ୍କୁଲ ଗୋଟିଏ ସ୍ଥାନରେ ଅବସ୍ଥିତି ହେବା ଉଚିତ ଯାହାକି :

(କ) ପିଲାମାନଙ୍କ ପାଇଁ ଯିବା ଆସିବାରେ ସହଜ ହେଉଥିବ ଏବଂ

(ଖ) ବ୍ୟାପକ ଯାତାୟତ, ପୋଖରୀ, ଖାଲଖମା, ପ୍ରଦୂଷଣ ଇତ୍ୟାଦି କ୍ଷତିକାରକ/ବିପଦରୁ ମୁକ୍ତ ହୋଇଥିବ

ଅନ୍ୟ ମୁଖ୍ୟ ପଦକ୍ଷେପ ହେଉଛି ଖେଳକେନ୍ଦ୍ର ମଧ୍ୟରେ ସ୍ଥାନ ଏବଂ ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ।

### (କ) ଖେଳ ପରିସର/କ୍ଷେତ୍ର : ଘର ବାହାରର ଏବଂ ଘର ଭିତରର ହୋଇପାରେ

### (i) ଖେଳ ସ୍ଥାନ- ଘର ବାହାର

ଆପଣ ଜାଣନ୍ତି କି ଜଣେ ପିଲାର ବାହାରେ ଖେଳିବା ପାଇଁ କେତେ ସ୍ଥାନ ଆବଶ୍ୟକ ହୁଏ ? ଏହା ପ୍ରତି ପିଲା ପାଇଁ ଅତି କମ୍‌ରେ ୩ରୁ ୫ ବର୍ଗ ମିଟର ହେବା ଉଚିତ । ଏହା ଭଲ ହେବ ଯଦି ଏହାର ପୃଷ୍ଠଭାଗ/ଉପରଅଂଶ କଠିନ ହୋଇଥିବ ଯେଉଁଠି କି ଚକଲଗା ଖେଳଣା ବ୍ୟବହାର ହୋଇପାରିବ ଏବଂ ବଲ୍‌ଗୁଡିକ ତଳେ ମାଡ ହୋଇ ଉପରକୁ ଉଠିପାରିବ । ଯଦି ଏହାଠାରୁ ଅଧିକ ସ୍ଥାନ ଅଛି, ସେଠାରେ ସୂକ୍ଷ୍ମ ଘାସ ଆଚ୍ଛାଦିତ ସମତଳ ଭୂମିର ବ୍ୟବସ୍ଥା ରହିବା ଉଚିତ ଯେଉଁଠିକି ପିଲାମାନେ ଖେଳିପାରିବେ, ଦୌଡାଦୌଡି କରିପାରିବେ, ବଗିଚା କରିପାରିବେ, ବାଲିବାକ୍ସ ଏବଂ ପୋଷା ପଶୁପକ୍ଷୀ ରଖିପାରିବେ ।

**କେତେକ ସାବଧାନତା**

- ଖେଳ କ୍ଷେତ୍ର/ ପରିସରରେ ତଦାରଖ ପାଇଁ କ୍ଷେତ୍ରଟି ଅଙ୍କାବଙ୍କା ନରହିବା ଉଚିତ,
- ନିରାପତ୍ତା ପାଇଁ ଚାରିଆଡେ ବାଡ ରହିବା ଉଚିତ,
- କଣ୍ଟା, ପଥର, ଭଙ୍ଗା ଜିନିଷ ଏବଂ କାଚଖଣ୍ଡ ନରହିବା ଉଚିତ,
- ବଡଗାତ, ପାଣି ଟାଙ୍କି ଇତ୍ୟାଦି ନରହିବା ଉଚିତ,
- ଚଲା ସ୍ଥାନ ସଫାସୁତୁରା ରହିବା ଉଚିତ ।

### (ii) ଖେଳ ସ୍ଥାନ/ଜାଗା- ଘର ଭିତର

- ପ୍ରତି ପିଲା ପାଇଁ ୨ ବର୍ଗ ମିଟରର ସ୍ଥାନ,
- ପରିବର୍ତ୍ତନୀୟ, ନମନୀୟ ଏବଂ ସହଜସାଧ୍ୟ ହେବା ଦରକାର,
- ତଦାରଖ ପାଇଁ ସୁଗମ ହେବା ଉଚିତ,
- ଉତ୍ତମ ବାୟୁ ପ୍ରବାହର ସୁବିଧା ଏବଂ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ରହିବା ଆବଶ୍ୟକ,
- କାନ୍ଥଗୁଡିକ ପରିଷ୍କାର ଏବଂ ଭଲ ଭାବେ ପଲସ୍ତରା ହେବା ଉଚିତ,



- କାନ୍ଥଗୁଡିକରେ ପିଲାମାନଙ୍କର କାର୍ଯ୍ୟ ଏବଂ ଅନ୍ୟାନ୍ୟ ଚିତ୍ର ପ୍ରଦର୍ଶନ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିବା ଉଚିତ,
- କଳାତ୍ମକ କାର୍ଯ୍ୟ କରିବା ପାଇଁ ପ୍ରତି ୬ରୁ ୮ ଜଣ ପିଲାଙ୍କ ପାଇଁ ପଟି/ବିଛଣା ଏବଂ ହଲେ ଅନୁଚ୍ଚ ଏବଂ ହାଲ୍‌କା ଟେବୁଲ (ପ୍ରାୟ ୩୦ ସେମି ଉଚ୍ଚତା) ରହିବା ଉଚିତ,
- ଲେଖାଲେଖି କରିବା ପାଇଁ କମ୍ ଉଚ୍ଚତାରେ କଳାପଟା ଇତ୍ୟାଦି ରହିବା ଉଚିତ,
- ପିଲାମାନଙ୍କର ଜିନିଷପତ୍ର, ଖେଳଣା ଇତ୍ୟାଦି ରଖିବା ପାଇଁ କମ୍ ଉଚ୍ଚତାର ଥାକ ରହିବା ଦରକାର ଏବଂ
- ନାଚ, ଡ୍ରାମା, ସଂଗୀତ ଉପଭୋଗ ଆଦି ସ୍ୱ-ପରିପ୍ରକାଶ ନିମନ୍ତେ ସ୍ଥାନ ରହିବା ଆବଶ୍ୟକ ।

### (ଖ) ପରିବେଶ ସହ ପାରସ୍ପରିକ କ୍ରିୟା ପାଇଁ ସ୍ଥାନ

ଏଥିପାଇଁ ଦରକାର ଫୁଲ, ପନିପରିବା ଏବଂ ଫଳ ପାଇଁ ବଗିଚା ସ୍ଥାନ, ଠେକୁଆ, ଚଢେଇ ପିଞ୍ଜରା, ପକ୍ଷୀବସା ପାଇଁ କିଛି ସ୍ଥାନ ଏବଂ ଘର ଭିତରର ବିଜ୍ଞାନକୋଣ ଯାହା ପିଲାମାନଙ୍କର ଅନୁସନ୍ଧିତ୍ସା, ପରୀକ୍ଷାନିରୀକ୍ଷା ଏବଂ ପ୍ରକୃତିକୁ ବୁଝିବା ପାଇଁ ସୁଯୋଗ ପ୍ରଦାନ କରେ ।

### (ଗ) ପାନୀୟ ଜଳର ବ୍ୟବସ୍ଥା

ଗୋଟିଏ ଖେଳ କେନ୍ଦ୍ରରେ

- ସ୍ୱଚ୍ଛ ଏବଂ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରହିବା ଉଚିତ,
- ବାସନ ସଫା କରିବା ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ ।

### (ଘ) ପରିମଳ ବ୍ୟବସ୍ଥା

ଗୋଟିଏ ଖେଳ କେନ୍ଦ୍ରରେ ପରିମଳ ବ୍ୟବସ୍ଥା

- ପରିଷ୍କାର ଭାରତୀୟ ପ୍ରକାରର ପାଇଖାନା ଯେଉଁଠାରେ କି ଯଥେଷ୍ଟ ପାଣିର ସୁବିଧା ରହିବା ଆବଶ୍ୟକ,
- ସାବୁନ ଏବଂ ଗାମୁଛା/ଝାଡଣ ବ୍ୟବସ୍ଥା ରହିବା ଆବଶ୍ୟକ,
- ଆବର୍ଜନା ରଖିବା ପାଇଁ ପାତ୍ର (ଡଷ୍ଟବିନ୍)ର ବ୍ୟବସ୍ଥା ରହିବା ଉଚିତ ।

### (ଙ) ଶୋଇବା ପାଇଁ ସ୍ଥାନ

ଯେତେବେଳେ ଖେଳକେନ୍ଦ୍ର ଦିନସାରା କିମ୍ବା ୩ ଘଣ୍ଟାରୁ ଅଧିକ କାର୍ଯ୍ୟ କରେ ଏହା ଆବଶ୍ୟକ

ହୁଏ । ପିଲାମାନେ ନିଶ୍ଚିତ ଭାବେ କିଛି ସମୟ ପାଇଁ ଶୋଇବା ଉଚିତ । ଏଥିପାଇଁ ସ୍ଥାନ ବ୍ୟତୀତ, ପରିଷ୍କାର ପରିଚ୍ଛନ୍ନ ବିଛଣା, ଚାଦର ଏବଂ ତକିଆ ଆଦିର ଆବଶ୍ୟକ ପଡେ ।

### (ଚ) ଭଣ୍ଡାର ଘର ବ୍ୟବସ୍ଥା

ପିଲାମାନଙ୍କର ଖେଳ ସାମଗ୍ରୀ ରଖିବା ପାଇଁ ଏବଂ ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ଜଳଖିଆ ପାଇଁ ବ୍ୟବହୃତ ହେଉଥିବା ବାସନକୁସନ ପାଇଁ ଭଣ୍ଡାର ଘରର ସ୍ଥାନ ଆବଶ୍ୟକ ହୁଏ ।

### (ଛ) ରୋଷେଇ ସ୍ଥାନ

ଭଲ ଭାବେ ସଫା କରାଯାଇପାରୁଥିବା, ଭଲ ବାୟୁ ଚଳାଚଳ ହେଉଥିବା ଓ ଖୋଲା ବଡ ରୋଷେଇ ଘର ସ୍ଥାନ ଆବଶ୍ୟକ ହୁଏ । ଏଠାରେ ରୋଷେଇ କରିବା, ବାସନମାଜିବା ଏବଂ ବାସନକୁସନ ସାଇତି ରଖିବା ପାଇଁ ସ୍ଥାନ ରହିବା ଆବଶ୍ୟକ ।

### ପାଠଗତ ପ୍ରଶ୍ନାବଳୀ ୨୮.୧

୧. ଗୋଟିଏ ଖେଳକେନ୍ଦ୍ରରେ ଖେଳ ପରିସର/କ୍ଷେତ୍ର :

(କ) ଘର ଭିତରର ହେବା ଉଚିତ

(ଖ) ଘର ବାହାରର ହେବା ଉଚିତ

(ଗ) ଉଭୟ ଭିତର ଏବଂ ବାହାରର ହେବା ଉଚିତ

(ଘ) ବାହାର ଅପେକ୍ଷା ଅଧିକ ଭିତରର ହେବା ଉଚିତ

୨. ଖେଳକେନ୍ଦ୍ରରେ ଖେଳ ତଦାରଖ କରିବା କେଉଁଠି ସମ୍ଭବ ହୁଏ ?

(କ) ଘର ଭିତରେ

(ଖ) ଘର ବାହାରେ

(ଗ) ଘର ଭିତରେ ଏବଂ ବାହାରେ

(ଘ) ଅଧିକ ଘର ଭିତରେ କମ୍ ବାହାରେ

୩. ବାହାର ଖେଳକ୍ଷେତ୍ର/ପରିସର ଅତି କମ୍‌ରେ :

(କ) ୧-୨ ବର୍ଗ ମିଟର/ପ୍ରତି ପିଲା ପାଇଁ

(ଖ) ୨ ବର୍ଗ ମିଟର/ପ୍ରତି ପିଲା ପାଇଁ

(ଗ) ୩ ବର୍ଗମିଟର/ ପ୍ରତି ପିଲା ପାଇଁ

(ଘ) ୩ରୁ ୫ ବର୍ଗମିଟର/ ପ୍ରତି ପିଲା ପାଇଁ

୪. ଘର ଭିତରର ଖେଳ କ୍ଷେତ୍ର/ପରିସର ପ୍ରତି ପିଲା ପାଇଁ ଅତି କମ୍‌ରେ

(କ) ୧ରୁ ୨ ବର୍ଗ ମିଟର ହେବା ଉଚିତ

(ଖ) ୨ ବର୍ଗମିଟର ହେବା ଉଚିତ

(ଗ) ୩ ବର୍ଗ ମିଟର ହେବା ଉଚିତ

(ଘ) ୩ରୁ ୫ ବର୍ଗମିଟର ହେବା ଉଚିତ

୫. ଯେକୌଣସି ଖେଳ କେନ୍ଦ୍ରର ଗୁରୁତ୍ୱ ହେଉଛି :

(କ) ବାହାର ଖେଳ କ୍ଷେତ୍ର

(ଖ) ଖେଳ ସାମଗ୍ରୀ

(ଗ) ବିଶୁଦ୍ଧ ପାନୀୟ ଜଳ

(ଘ) ରୋଷେଇ ଘର

୬. ପରିବେଶ ସହ ପାରସ୍ପରିକ କ୍ରିୟା ପରିପୂରଣ କରିବା ପାଇଁ ଗୋଟିଏ ଖେଳ କେନ୍ଦ୍ରରେ କ'ଣ ରହିବା ଉଚିତ ?

(କ) ବାହାର ଖେଳ କ୍ଷେତ୍ର

(ଖ) ଖେଳ ସାମଗ୍ରୀ

(ଗ) ବିଶୁଦ୍ଧ ପାନୀୟ ଜଳ

(ଘ) ପରିଷ୍କାର ପରିଚ୍ଛନ୍ନ ପାଇଖାନା

## ୨୮.୨ ଖେଳକେନ୍ଦ୍ରର ସାମଗ୍ରୀ/ସରଞ୍ଜାମ

ପିଲାମାନଙ୍କୁ ଆନନ୍ଦ ପ୍ରଦାନକାରୀ ଏବଂ ଆହ୍ୱାନମୂଳକ ଅନୁଭୂତି ପ୍ରଦାନ ନିମନ୍ତେ ଖେଳକେନ୍ଦ୍ରଟିଏ ବିଭିନ୍ନ ପ୍ରକାରର ସରଞ୍ଜାମ ଆବଶ୍ୟକ କରେ । ଯେକୌଣସି ସାମଗ୍ରୀ କିଣିବା କିମ୍ବା ବ୍ୟବହାର କରିବା ପୂର୍ବରୁ ପିଲାମାନଙ୍କର କେତେକ ପ୍ରଧାନ/ମୌଳିକ ବିକାଶର ସ୍ତର, ସ୍ଥାୟୀତ୍ୱ, ସୁରକ୍ଷା, ଜଟିଳତା ଆଦି ମନେ ରଖିବା ଦରକାର । ଏହାଛଡ଼ା ଅନ୍ୟ କେତେକ ନିର୍ଦ୍ଦିଷ୍ଟ ମୌଳିକତା/



ବୈଶିଷ୍ଟ୍ୟଗୁଡ଼ିକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ ।

**ଉତ୍ତମ ଖେଳ ସାମଗ୍ରୀର ବୈଶିଷ୍ଟ୍ୟ**

**(କ) ଶୈକ୍ଷିକ ବୈଶିଷ୍ଟ୍ୟ :**

- ପୁଅ ଏବଂ ଝିଅମାନଙ୍କ ମଧ୍ୟରେ ଭେଦଭାବ ନଥିବ
- ମଜଭୁତ ଏବଂ ଦୀର୍ଘକାଳୀନ
- ଇଚ୍ଛାନୁଯାୟୀ ଚୟନ ଏବଂ ପରିବର୍ତ୍ତନୀୟ
- ପିଲାମାନଙ୍କର କଳ୍ପନା ଶକ୍ତି ସମ୍ପୃକ୍ତ
- ପିଲାମାନଙ୍କ ଭିତରେ ସହଯୋଗର ପ୍ରୋତ୍ସାହନ

**(ଖ) ଅଭିକଳ୍ପନା/ ଡିଜାଇନ୍‌ଗତ ବୈଶିଷ୍ଟ୍ୟ :**

- ବହୁ ଉପଯୋଗୀ
- ନିରାପଦ
- ପିଲାଙ୍କ ପାଇଁ ନିରାପଦ
- ବିଭିନ୍ନ ଦ୍ରବ୍ୟରେ ପ୍ରସ୍ତୁତ (କାଠ, ରବର, ଧାତୁ, ଦଉଡ଼ି, ବାଲି ଇତ୍ୟାଦି)
- ଆନୁପାତିକ ଏବଂ ପରିମାଣାତ୍ମକ
- ନମନୀୟ

**(ଗ) ସଂରଚନାତ୍ମକ/ ଗଠନଗତ ବୈଶିଷ୍ଟ୍ୟ :**

- ନଷ୍ଟ ହୋଇଯାଉନଥିବା କାଠ, ଟାଣୁଆ ଧାତୁ ନିର୍ମିତ ଯନ୍ତ୍ରପାତି/ ହାର୍ଡୱେର
- ବିଶ୍ୱସନୀୟ (ସର୍ବଦା କାର୍ଯ୍ୟକ୍ଷମ)
- ଖର୍ଚ୍ଚ ସାପେକ୍ଷ ଏବଂ ଲାଭପ୍ରଦ
- ମରାମତିଯୋଗ୍ୟ

## ୨୮.୩ ଘର ବାହାର ଏବଂ ଘର ଭିତର ଖେଳ ସାମଗ୍ରୀ

ଗୋଟିଏ ଖେଳକେନ୍ଦ୍ରରେ ନିମ୍ନ ତାଲିକା ଅନୁଯାୟୀ ଖେଳ ସାମଗ୍ରୀମାନ ଯୋଗାଇ ଦିଆଯାଇପାରିବ ।

ତଥାପି, ଖେଳ ସାମଗ୍ରୀର ପ୍ରକାର ଏବଂ ସଂଖ୍ୟା ପିଲାମାନଙ୍କ ବୟସ ଏବଂ ସଂଖ୍ୟା, ଘର ବାହାର ଏବଂ ଘର ଭିତରର ଖେଳିବା ପାଇଁ ସ୍ଥାନ ଏବଂ ଖେଳ ସାମଗ୍ରୀର ଖର୍ଦ୍ଦି (କିଣା) ଏବଂ ରକ୍ଷଣାବେକ୍ଷଣା ଉପରେ ନିର୍ଭର କରିବ । ଯଦି ଯଥେଷ୍ଟ ପାଣ୍ଠି ଉପଲବ୍ଧ ତା'ହେଲେ ଖେଳକେନ୍ଦ୍ରରେ ୩୫ରୁ ୪୦ ଜଣ ପିଲାଙ୍କ ପାଇଁ ନିମ୍ନରେ ଦିଆଯାଇଥିବା ଖେଳ ସାମଗ୍ରୀ ଯୋଗାଇ ଦିଆଯାଇପାରିବ ।

## ବାହାର (ଆଉଟଡୋର) ଖେଳ ସାମଗ୍ରୀ ସମୂହ

| ଜିନିଷ (ଦ୍ରବ୍ୟ)ର ନାମ | ପରିମାଣ |
|---|---|
| ୧. ଦୋଳି | ୨ |
| ୨. ତିନିଚକିଆ ସାଇକେଲ | ୨ |
| ୩. ଜଙ୍ଗଲ ଜିମ୍ ଓ ସ୍ଲାଇଡ୍ | ୧ |
| ୪. ରବର ବଲ୍ (ଛୋଟ ଏବଂ ବଡ଼) | ପ୍ରତ୍ୟେକରୁ ୨ |
| ୫. ରକିଙ୍ଗ୍ ଖେଳଣା | ୨ |
| ୬. ସନ୍ତୁଳନ ପାଇଁ କାଠପଟା | ୧ |
| ୭. ଠେଲା ଶଗଡ ଗାଡ଼ି | ୨ |
| ୮. ଛୋଟିଆ ସିଡି | ୧ |
| ୯. ଗଛ ଡାଳରେ ଝୁଲୁଥିବା ଟାୟାର କିମ୍ବା ଫ୍ରେମ୍ (ଟାୟାର ଦୋଳି) | ୨ |
| ୧୦. ବାଲି ପଟି ପାଇଁ ଛୋଟିଆ ବାଲ୍‌ଟି, ମଗ୍, ଡବା, ଘୋଡଣି/ବାକ୍ସ ଇତ୍ୟାଦି | ୧ ସେଟ୍ |
| ୧୧. ଚିତ୍ର/ଧାର ପଟା | ୧ |
| ୧୨. ପ୍ଲାଷ୍ଟିକ କୁଣ୍ଡ | ୨ |

## ଭିତର ଖେଳ ସାମଗ୍ରୀ (ଇନ୍‌ଡୋର)

| ଜିନିଷର ନାମ | |
|---|---|
| ୧. ଦୋଳି | ୨ |
| ୨. ନିର୍ମାଣ ଖଣ୍ଡ (ବିଭିନ୍ନ ଆକାର ଓ ପ୍ରକାରର) | ପ୍ରତ୍ୟେକରୁ |
| -ତ୍ରିକୋଣୀୟ, ଚତୁଃଷ୍କୋଣୀୟ, ବର୍ତ୍ତୁଳାକାର, ଅର୍ଦ୍ଧଗୋଲାକାର ଏବଂ | ଅଧାଡଜନ |

ଚତୁଃଷ୍କୋଣୀୟ, ଧନୁ ଆକୃତିର, ବର୍ଗାକାରଖଣ୍ଡ, ଖମ୍ବ ଆକାରର,

ଶିଡି ଆକାରର, ଇଟାକୃତି-ଛୋଟବଡ

**୩. ସଂରଚନାତ୍ମକ ଦ୍ରବ୍ୟ**

(କ) ଯୋଡ ଖେଳଣା — ୩ଟି

(ଖ) ଘର ତିଆରି ସେଟ୍ — ୩ଟି

(ଗ) ଛବି ପ୍ରହେଳିକା — ୩ଟି

**୪. କଣ୍ଢେଇ ଘର ସାମଗ୍ରୀ**

(କ) କଣ୍ଢେଇ — ୩

(ଖ) କଣ୍ଢେଇ, ବିଛଣା, ଚେୟାର ଏବଂ ଟେବୁଲ (ଛୋଟ) — ୩

(ଗ) ରୋଷେଇ ପାଇଁ ଘରକରଣା ସାମଗ୍ରୀ, ସଫାସଫି, ଟି-ସେଟ୍, ହ୍ୟାଣ୍ଡବ୍ୟାଗ୍, ଜୋତା, ଟୋପି, ରେଡିଓ ଇତ୍ୟାଦି

**୫. ବିଜ୍ଞାନ ଉପକରଣ**

(କ) ଅଭିବର୍ଦ୍ଧକ ଯବକାଚ — ୨

(ଖ) ଚୁମ୍ବକ — ୨

(ଗ) ନିକିତି ସହ ଓଜନ ସାମଗ୍ରୀ — ୧

(ଘ) ମାପକ ପାତ୍ର — ୧ ସେଟ୍

(ଙ) ବଙ୍କା ନଳୀ — ୨

(ଚ) ଛୋଟ ଝାଡୁ, ବାଲ୍‌ଟି, ଛିଦ୍ରାଳ (ସ୍ପଞ୍ଜ) — ପ୍ରତ୍ୟେକରୁ ୨ଟି

**୬. ସଙ୍ଗୀତ ସାମଗ୍ରୀ**

(କ) ବାଜା (ଡ୍ରମ୍) — ୨ଟି

(ଖ) ଝଣ ଝଣ ଶବ୍ଦ କରୁଥିବା ଘଣ୍ଟି (ଜିଙ୍ଗଲ ବେଲ୍) — ୨ଟି

(ଗ) ଢୋଲକ ଏବଂ ତବଲା — ୨ଟି

| | | |
|---|---|---|
| | (ଘ) ଝୁମୁକା | ୨ଟି |
| | (ଙ) କାଠତରଙ୍ଗ (Xylophone) | ୨ଟି |
| | (ଚ) ତାଳଲୟର କାଠି (ରିଦମ୍‌ଷ୍ଟିକ୍) | ୨ଟି |
| | (ଛ) ଘଣ୍ଟି | ୨ଟି |
| **୭.** | **ବଢେଇ କାମ ଯନ୍ତ୍ରପାତି** | |
| | (କ) ହାତୁଡି ଏବଂ କଣ୍ଟା | |
| | (ଖ) ଛୋଟ ନରମ କାଠଖଣ୍ଡ | ୧ ସେଟ୍ |
| | (ଗ) କାଠପଟା | ୧ ସେଟ୍ |
| | (ଘ) କରତ ଏବଂ ଆରି | ୧ ସେଟ୍ |
| | (ଙ) କଇଁଚି | ୧ ସେଟ୍ |
| | (ଚ) ବ୍ରସ୍ | ୧ ସେଟ୍ |
| **୮.** | **ଗୁଲି/ମାଳି** | |
| | (କ) କାଠଗୋଲି (ନାଲି, ନୀଳ, ହଳଦିଆ) | ୨୦୦ |
| | (ଖ) ପ୍ଲାଷ୍ଟିକ୍ ଗୋଲି (ବିଭିନ୍ନ ରଙ୍ଗର) | ୨୦୦ |
| | (ଗ) ପ୍ଲାଷ୍ଟିକ୍ ପାତ୍ର/ କଂସା | ୪ |
| ୯. | ଫର୍ମ ପଟା (Form boards) | ୩ |
| ୧୦. | କୀଳକପଟା (peg board) ଏବଂ ହାତୁଡି | ୨ |
| ୧୧. | ଫମ୍ପା ପିରାମିଡ୍ (ପ୍ଲାଷ୍ଟିକ୍/କାଠ) | ୨ଟି ସେଟ୍ |
| ୧୨. | ପରିବହନ ଖେଳଣା (କାର୍, ବସ୍, ଟ୍ରେନ ଇତ୍ୟାଦି) | ପ୍ରତ୍ୟେକରୁ ୨ଟି |
| ୧୩. | କଣ୍ଢେଇ (Puppets) | ୬ |
| ୧୪. | ଠେକୁଆ/ଚଢେଇ ପିଞ୍ଜରା | ୧ |
| ୧୫. | ପ୍ରାଥମିକ ଉପଚାର ବାକ୍ସ | ୧ |

୧୬. ଓଜନମାପ ଯନ୍ତ୍ର — ୧

୧୭. ମଇଳା ଫୋପାଡିବା ଡବା (Waste bins) — ୩

୧୮. ପ୍ରଦର୍ଶନ ପଟା (Display boards) — ୩

୧୯. ଆପ୍ରୋନ୍ (Aprons) — ୧୦

୨୦. ଚିତ୍ରବହି ଏବଂ ଗପବହି — ୨୪

୨୧. ପଶୁପକ୍ଷୀ ଖେଳଣା — ୬

୨୨. ପୋଷାକ, ଟୋପି ଏବଂ ଆବଶ୍ୟକୀୟ ସାମଗ୍ରୀ — ୧ ସେଟ୍

୨୩. ଗପ କହିବା ପାଇଁ ଆବଶ୍ୟକୀୟ ସାମଗ୍ରୀ ଯଥା- ଛବିବହି, ସଖୀ କଣ୍ଢେଇ/ଖେଳଣା, ଗପକାର୍ଡ ଇତ୍ୟାଦି

୨୪. କଳାପଟା, ଚକ୍ କିମ୍ବା ସ୍ଲେଟ୍

୨୫. ରଙ୍ଗବାକ୍ସ, କାଗଜ, ଛପା କାଗଜ (ଷ୍ଟେନ୍‌ସିଲ), ରଙ୍ଗ

୨୬. ମାଟି ଏବଂ ପ୍ଲାଷ୍ଟର ସାଇନ୍

୨୭. କଇଁଚି

୨୮. ଅଠା/ଫେବିକଲ ଇତ୍ୟାଦି

ଯେତେଦୂର ସମ୍ଭବ, ଜିନିଷଗୁଡିକୁ ଏପରି ଯୋଗାଡ କରନ୍ତୁ ଯାହାକି ପିଲାମାନେ ପ୍ରତ୍ୟକ୍ଷ ଭାବେ ବ୍ୟବହାର କରିପାରିବେ । ଯେକୌଣସି ଭଙ୍ଗା ଜିନିଷଗୁଡିକ ଯେତେଦୂର ସମ୍ଭବ ବଦଳାଯିବା ଉଚିତ । ପରିବେଶରୁ ଉପଲବ୍ଧ ଜିନିଷଗୁଡିକ ଯଥା ଖାଲିପେଟି/ଡବା, କପଡାଖଣ୍ଡ, ସମ୍ବାଦପତ୍ର, ଥର୍ମକୁଲ ଆଦି ବ୍ୟବହାର କରି ସ୍ୱଳ୍ପ ମୂଲ୍ୟର ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରାଯାଇପାରିବ ।

## ପ୍ରାଥମିକ ଉପଚାର କିଟ୍ (ବ୍ୟାଗ୍)

ଏହି କିଟ୍‌ରେ ନିମ୍ନଲିଖିତ ଅତ୍ୟାବଶ୍ୟକୀୟ ଜିନିଷ ରହିବା ଆବଶ୍ୟକ ।

- ବ୍ୟାଣ୍ଡେଜ
- ଥର୍ମୋମିଟର
- ଷ୍ଟିକିଂ ପ୍ଲାଷ୍ଟର
- କଇଁଚି
- ପରିଷ୍କୃତ ଅସ୍ତ୍ରୋପଚାର ତୁଳାକାଠି/ଛୁଞ୍ଚି
- ଜୀବାଣୁନାଶକ ମଲମ

- ଗଜ୍
- ଜନ୍‌ସନ୍ ଭାଓଲେଟ୍

## ପାଠଗତ ପ୍ରଶ୍ନାବଳୀ ୨୮.୨

ସତ୍ୟ କି ମିଥ୍ୟା ଉଲ୍ଲେଖ କର

(୧) ଖେଳ ଉପକରଣ ବିନା ଖେଳ କେନ୍ଦ୍ର ସଫଳ ଭାବେ କାର୍ଯ୍ୟ କରିପାରିବ । ସତ୍ୟ/ମିଥ୍ୟା

(୨) ଖେଳ ସାମଗ୍ରୀ କେବଳ ଦୋକାନରୁ କିଣାଯାଇପାରିବ । ସତ୍ୟ/ମିଥ୍ୟା

(୩) ଖେଳ ଉପକରଣର ଯଥାର୍ଥ ବ୍ୟବସ୍ଥା ଏହାର ଫଳପ୍ରଦ ବ୍ୟବହାର ପାଇଁ ପ୍ରଧାନ/ମୁଖ୍ୟ ଅଟେ ସତ୍ୟ/ମିଥ୍ୟା

(୪) ଥରେ କିଣାଯାଇଥିବା ଉପକରଣ/ସାମଗ୍ରୀ ବଦଳାଯିବା ଦରକାର ନାହିଁ। ସତ୍ୟ/ମିଥ୍ୟା

(୫) ଖେଳ ଉପକରଣଗୁଡ଼ିକ ପରିବର୍ତ୍ତନଶୀଳ/ନମନୀୟ ହେବା ଉଚିତ ନୁହେଁ। ସତ୍ୟ/ମିଥ୍ୟା

## ୨୮.୪ ଖେଳକେନ୍ଦ୍ରର କର୍ମଚାରୀ

### (କ) ଶିକ୍ଷକ

ଖେଳ କେନ୍ଦ୍ରରେ ଉପଲବ୍ଧ ଗୁଣାତ୍ମକ ସେବା ପ୍ରଦାନରେ ଶିକ୍ଷକଙ୍କର ମୁଖ୍ୟ ପ୍ରଭାବ ଅଛି । ସେ ଜଣେ ବ୍ୟକ୍ତି ଯିଏକି ଖେଳ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟାବଳୀ ଏବଂ କାର୍ଯ୍ୟକ୍ରମର ସ୍ଥିରୀକୃତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପରିପୂରଣ ପାଇଁ ଦାୟୀ ଅଟନ୍ତି ।

ଏହି କ୍ଷେତ୍ରରେ ଆବଶ୍ୟକୀୟ ପ୍ରଶିକ୍ଷଣ ଏକ ପ୍ରମୁଖ ଯୋଗ୍ୟତା । ଶିକ୍ଷକ ଖେଳ କେନ୍ଦ୍ରର ପରିଚାଳନା କିମ୍ବା ପ୍ରାକ୍ ପ୍ରାଥମିକ ସଂଗଠନ କ୍ଷେତ୍ରରେ ବୃତ୍ତିଗତ ପାଠ୍ୟକ୍ରମ କିମ୍ବା ଡିପ୍ଲୋମା ପାଠ୍ୟକ୍ରମ କରିଥିବେ । ଖେଳକେନ୍ଦ୍ରର ଶିକ୍ଷକଙ୍କ ପାଇଁ ଅନ୍ୟାନ୍ୟ କେତେକ ନିର୍ଦ୍ଦିଷ୍ଟ ଯୋଗ୍ୟତା ଆବଶ୍ୟକ ହୁଏ । ସେ ତାଙ୍କର ପାଖରେ :

- ଖେଳକେନ୍ଦ୍ରର ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଧାରଣା ରହିବା ଆବଶ୍ୟକ ।
- ଖେଳକେନ୍ଦ୍ରର କାର୍ଯ୍ୟାବଳୀ କେଉଁଠି ଏବଂ କେମିତି ପରିଚାଳନା ହେବ ସେ ସମ୍ପର୍କରେ ବ୍ୟାପକ ଜ୍ଞାନ ରହିବା ଆବଶ୍ୟକ ।
- ଦଶମ ଷ୍ଟାଣ୍ଡାର୍ଡ + ଦୁଇବର୍ଷର ପ୍ରଶିକ୍ଷଣ କିମ୍ବା ଦ୍ୱାଦଶରେ ଉତ୍ତୀର୍ଣ୍ଣ + ଏକବର୍ଷର ପ୍ରଶିକ୍ଷଣ ରହିବା ଆବଶ୍ୟକ ।



- ୧୮ ବର୍ଷରୁ କମ୍ ବୟସ ହୋଇନଥିବେ, କିମ୍ବା
- ଖେଳ କେନ୍ଦ୍ରରେ ଆବଶ୍ୟକ ହେଉଥିବା ସାମଗ୍ରୀ ଏବଂ ଏହାର ଉପଯୁକ୍ତ ବ୍ୟବହାରର ସମ୍ପର୍କରେ ସଚେତନ ଥିବେ ।

## (ଖ) ସହାୟକ

ଯେକୌଣସି ଖେଳକେନ୍ଦ୍ରରେ ଆବଶ୍ୟକ ହେଉଥିବା ଗୃହ ପରିଚାଳନା କାର୍ଯ୍ୟ/ସେବା ଯଥା ପରିଷ୍କାର ପରିଚ୍ଛନ୍ନ କରିବା, ଚଟାଣ ଧୋଇବା, ଖେଳପଡିଆ ଓ ଘର ଚଟାଣ (ଘର)ର ଦେଖାରଖା କରିବା, ଖବରପଟା (ବୁଲେଟିନ୍ ବୋର୍ଡ)ର ତାରିଖ ବଦଳାଇବା ଏବଂ ଚିତ୍ରାଧାର କାଗଜ ବଦଳାଇବା, ସାମଗ୍ରୀ/ଉପକରଣକୁ ବିଛାଇ ରଖିବା ଏବଂ ଦେଖାରଖା କରିବା ଏବଂ ଅନ୍ୟାନ୍ୟ ଦ୍ରବ୍ୟର ଯତ୍ନ ନେବା ଆଦି କାର୍ଯ୍ୟ ପାଇଁ ଜଣେ ସହାୟକ ଆବଶ୍ୟକ ହୁଏ । ସେ ପିଲାମାନଙ୍କୁ ଭଲ ପାଇବା ଏବଂ ସବୁ ସମୟରେ ସେମାନଙ୍କର ଯତ୍ନ ନେବା ପାଇଁ ପ୍ରସ୍ତୁତ ରହିବା ଉଚିତ ।

ଯେହେତୁ ପିଲାମାନେ ଚଟାଣ ଉପରେ ଅଧିକାଂଶ ସମୟ କଟାନ୍ତି, ଚଟାଣ ସମ୍ପୂର୍ଣ୍ଣ ଭାବେ ପରିଷ୍କାର ହେବା ନିହାତି ଆବଶ୍ୟକ । ସହାୟକ ପିଲା ଏବଂ ଶିକ୍ଷକମାନଙ୍କୁ ସଫଳତାର ସହ ପରିସ୍ଥିତିକୁ ପରିଚାଳନା କରିବାରେ ସାହାଯ୍ୟ କରିବା ପାଇଁ ପାଇଖାନା ଘର ଏବଂ ସଫାସଫି କରାଯାଉଥିବା ସ୍ଥାନରେ କର୍ତ୍ତବ୍ୟରତ ରହିବା ଆବଶ୍ୟକ ପଡେ । ସେ ଅତି କମ୍‌ରେ ୮ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ।

## (ଗ) ରାନ୍ଧୁଣିଆ

ଯଦି ଖେଳକେନ୍ଦ୍ରରେ ଭୋଜନ/ଖାଇବାର ବ୍ୟବସ୍ଥା ଥାଏ, ଶିକ୍ଷକ ଖାଦ୍ୟ ତାଲିକା ପ୍ରସ୍ତୁତ କରନ୍ତି, ଭୋଜନ ପ୍ରସ୍ତୁତି ଏବଂ ଖାଦ୍ୟ ପରିବେଷଣ ତଦାରଖ କରନ୍ତି । ଭୋଜନ ପ୍ରସ୍ତୁତି ପାଇଁ କର୍ମଚାରୀ ତାଲିକାରେ ଜଣେ ରାନ୍ଧୁଣିଆର ଆବଶ୍ୟକତା ପଡେ । ରାନ୍ଧୁଣିଆର ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ ରହିବା ଉଚିତ ଏବଂ ସେଗୁଡିକୁ ସେ ରୋଷେଇ ସ୍ଥାନରେ ପ୍ରୟୋଗ କରିବା ଉଚିତ । ସେ ଠିକ୍ ସମୟରେ ପୌଷ୍ଟିକ ଏବଂ ସ୍ୱାଦଯୁକ୍ତ ଖାଦ୍ୟ ପ୍ରସ୍ତୁତ ନିମିତ୍ତ ଶିକ୍ଷକଙ୍କ ଠାରୁ ଉପଦେଶ ନେବା ପାଇଁ ପ୍ରସ୍ତୁତ ରହିବା ଉଚିତ । ରାନ୍ଧୁଣିଆ ଲେଖାପଢା ଜାଣିବା ଉଚିତ ।

**ନୋଟ୍ :** କାର୍ଯ୍ୟକ୍ରମ, ଅର୍ଥ, କୋଠାବାଡି, ଉପକରଣ ବ୍ୟବସ୍ଥା, ପିଲାଙ୍କ ସଂଖ୍ୟା, ପିଲାଙ୍କ ବୟସ, ଶିକ୍ଷକଙ୍କ ପ୍ରଶିକ୍ଷଣ ଇତ୍ୟାଦି କେନ୍ଦ୍ରରେ କର୍ମଚାରୀଙ୍କ ସଂଖ୍ୟାକୁ ନିର୍ଦ୍ଧାରିତ କରେ । ପ୍ରତି ୧୦ରୁ ୧୫ ଜଣ ପିଲାଙ୍କ ପାଇଁ ଜଣେ ବୟସ୍କ ବ୍ୟକ୍ତି/ପ୍ରୌଢ ରହିବା ଉଚିତ ।

## ଖେଳକେନ୍ଦ୍ରରେ ଜଣେ ଶିକ୍ଷକଙ୍କ ଭୂମିକା

ଗୋଟିଏ ଖେଳକେନ୍ଦ୍ରରେ ଶିକ୍ଷକଙ୍କର ନିଜ ପାଇଁ, ପିଲା, ସ୍କୁଲ ଏବଂ ଗୋଷ୍ଠୀ ପାଇଁ କେତେକ

ଦାୟିତ୍ୱ ଅଛି । ବାସ୍ତବରେ ଏହି ଦାୟିତ୍ୱଗୁଡ଼ିକୁ ଜଣେ ଉତ୍ତମ ଶିକ୍ଷକଙ୍କର ବୈଶିଷ୍ଟ୍ୟ ଭାବେ ବିଚାର କରାଯାଏ ଯିଏକି ଅକ୍ଷବିନ୍ଦୁ (କେନ୍ଦ୍ରସ୍ଥଳୀ) ଯାହାର ଚାରିପାଖରେ ଖେଳକେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ଘୂର୍ଣ୍ଣାୟମାନ ହୁଏ ।

ଜଣେ ଶିକ୍ଷକଙ୍କର ଦାୟିତ୍ୱଗୁଡ଼ିକ ନିମ୍ନ ପ୍ରକାରର :

## (୧) ନିଜ ପ୍ରତି କର୍ତ୍ତବ୍ୟ

ଖେଳକେନ୍ଦ୍ରର ଶିକ୍ଷକଙ୍କର ନିଜ ପ୍ରତି ଦାୟିତ୍ୱଗୁଡ଼ିକ ହେଉଛି :

(କ) ସବୁବେଳେ ଶାରୀରିକ ଏବଂ ଆବେଗିକ ସ୍ତରରେ ସୁସ୍ଥ ରହିବା

(ଖ) ପ୍ରଗତିଶୀଳ ହେବା

(ଗ) ସବୁବେଳେ ଉତ୍ସାହୀ ରହିବା

(ଘ) ବୃତ୍ତିଗତ କ୍ଷେତ୍ରରେ ଅଗ୍ରଗତି ଲାଭ କରିବା

## (୨) ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ

ଖେଳକେନ୍ଦ୍ରରେ ଶିକ୍ଷକ ପିଲାମାନଙ୍କ ଦଳ ଭିତରେ ନିମ୍ନଲିଖିତ ଦାୟିତ୍ୱଗୁଡ଼ିକ ପୂରଣ କରିବା ଆବଶ୍ୟକ । ସେ :

(କ) ସେମାନଙ୍କର ଆବଶ୍ୟକଗୁଡ଼ିକୁ ପୂରଣ କରିବା ଉଚିତ ।

(ଖ) ସେମାନଙ୍କର କାମ କରି ଏବଂ ସେମାନଙ୍କ ସାଙ୍ଗରେ ରହି ଆନନ୍ଦ ଅନୁଭବ କରିବା ଉଚିତ ।

(ଗ) ସେମାନଙ୍କୁ ବ୍ୟକ୍ତି ଭାବେ ସମ୍ମାନ ଦେବା ଉଚିତ ।

(ଘ) ସେମାନଙ୍କ ସହ ବାଞ୍ଛନୀୟ ସମ୍ପର୍କ ସ୍ଥାପନ କରିବା ଉଚିତ ଏବଂ

(ଙ) ନିଜସ୍ୱ ସମ୍ପର୍କରେ ଏକ ଉତ୍ତମ ଧାରଣା ସୃଷ୍ଟି କରିବାରେ ସାହାଯ୍ୟ କରିବା ଉଚିତ ।

## (୩) ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ

ପିତାମାତାଙ୍କ ପ୍ରତି ଶିକ୍ଷକଙ୍କର କର୍ତ୍ତବ୍ୟଗୁଡ଼ିକ ହେଉଛି :

(କ) ଉତ୍ତମ ପରାମର୍ଶ ପ୍ରଦାନ କରିବା

(ଖ) ସେମାନଙ୍କୁ ଏବଂ ସେମାନଙ୍କର ବିଚାରଧାରାଗୁଡ଼ିକୁ ପ୍ରାଧାନ୍ୟ ଦେବା

(ଗ) ପିଲାର ଭଲ ପାଇଁ/ ସୁସ୍ଥତା ପାଇଁ ସେମାନଙ୍କ ସହ ଯୋଜନା ପ୍ରସ୍ତୁତ କରିବା ଏବଂ

(ଘ) ଘର ଏବଂ ସ୍କୁଲ ମଧ୍ୟରେ ଥିବା ଦୂରତା କମାଇବା

## (୪) ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରତି କର୍ତ୍ତବ୍ୟ

ଖେଳକେନ୍ଦ୍ରର ଶିକ୍ଷକଙ୍କର ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରତି କର୍ତ୍ତବ୍ୟଗୁଡ଼ିକ ହେଉଛି :

(କ) ସେମାନଙ୍କର ବିଚାର ଏବଂ ଧାରଣାକୁ ସମର୍ଥନ କରିବା

(ଖ) ସେମାନଙ୍କୁ ଏବଂ ସେମାନଙ୍କର ବିଚାରଧାରାକୁ ପ୍ରାଧାନ୍ୟ ଦେବା ଏବଂ

(ଗ) କାର୍ଯ୍ୟକ୍ରମରେ ସେମାନଙ୍କୁ ସଂଶ୍ଳିଷ୍ଟ କରାଇବା

## (୫) ଗୋଷ୍ଠୀପ୍ରତି କର୍ତ୍ତବ୍ୟ

ଖେଳ କେନ୍ଦ୍ରରେ ଶିକ୍ଷକ ଗୋଷ୍ଠୀ ପ୍ରତି ନିମ୍ନଲିଖିତ କର୍ତ୍ତବ୍ୟମାନ ପରିପୂରଣ କରିବା ଆବଶ୍ୟକ ହୋଇଥାଏ

(କ) ଗୋଷ୍ଠୀର ସମସ୍ୟା ପ୍ରତି ଅବଗତ ରହିବା ଏବଂ ସେଗୁଡ଼ିକ ସମାଧାନ କରିବା ଏବଂ

(ଖ) ପିଲାଙ୍କ କଲ୍ୟାଣ/ମଙ୍ଗଳ ନିମନ୍ତେ ସ୍ଥାନୀୟ ବୃତ୍ତିଗତ ସଂଗଠନ ସହ ସମ୍ପୃକ୍ତ ହେବା/ ସହଯୋଗ କରିବା ।

## ପାଠଗତ ପ୍ରଶ୍ନାବଳୀ ୨୮.୩

ସତ୍ୟ କି ମିଥ୍ୟା ଲେଖ :

୧. ନାମ ଲେଖାଯାଇଥିବା ପିଲାମାନଙ୍କ ସଂଖ୍ୟା ନିର୍ବିଶେଷରେ ଗୋଟିଏ ଖେଳକେନ୍ଦ୍ରରେ ଜଣେ ଶିକ୍ଷକ ଯଥେଷ୍ଟ ।

୨. ଶିକ୍ଷକଙ୍କର କେବଳ ପାଠ ପଢାଇବା ଗୋଟିଏ କର୍ତ୍ତବ୍ୟ ।

୩. ଜଣେ ଶିକ୍ଷକ ଘର ଏବଂ ସ୍କୁଲ ମଧ୍ୟରେ ଦୂରତା ହ୍ରାସ କରାଇବା ଆବଶ୍ୟକ ।

୪. ଗୋଟିଏ ଖେଳକେନ୍ଦ୍ର ଶିଶୁକୈନ୍ଦ୍ରିକ ହୋଇଥିବାରୁ ପିଲାମାନଙ୍କର ଶିକ୍ଷଣ କ୍ଷେତ୍ରରେ ଶିକ୍ଷକଙ୍କର କୌଣସି ଭୂମିକା ନାହିଁ ।

୫. ଜଣେ ଶିକ୍ଷକ ପ୍ରଗତିଶୀଳ ଏବଂ ଉତ୍ସାହୀ ହେବା ଆବଶ୍ୟକ ।

## ଆପଣ କ'ଣ ଶିଖିଲେ

ଖେଳକେନ୍ଦ୍ରରେ ଗଠନଗତ ସବିଶେଷ ତଥ୍ୟ

- ଭୌତିକ ସଂରଚନା
  - ସ୍ଥାନ ନିରୂପଣ
  - କେନ୍ଦ୍ର ଭିତରେ ସ୍ଥାନ ବ୍ୟବସ୍ଥା
- ଉପକରଣ/ସାମଗ୍ରୀ
  - ଉତ୍ତମ ଉପକରଣଗୁଡିକର ବୈଶିଷ୍ଟ୍ୟ
  - ଆବଶ୍ୟକୀୟ ଉପକରଣର ତାଲିକା
- କର୍ମଚାରୀ
  - ଶିକ୍ଷକ ଏବଂ ତାଙ୍କର ଦାୟିତ୍ୱ ସମୂହ
  - ସହକାରୀ
  - ରାନ୍ଧୁଣିଆ

## ଅନ୍ତିମ ପ୍ରଶ୍ନାବଳୀ

୧. ଉତ୍ତମ ଉପକରଣ/ସାମଗ୍ରୀଗୁଡିକର ଆବଶ୍ୟକୀୟ ବୈଶିଷ୍ଟ୍ୟଗୁଡିକ କ'ଣ ?

୨. ଜଣେ ଖେଳକେନ୍ଦ୍ରର ଶିକ୍ଷକଙ୍କର ଦାୟିତ୍ୱଗୁଡିକ କ'ଣ ?

୩. ଯେକୌଣସି ଖେଳକେନ୍ଦ୍ର ପରିଦର୍ଶନ କରି ଭୌତିକ ସ୍ଥାନର ବ୍ୟବହାର ସମ୍ପର୍କରେ ଅନୁଧ୍ୟାନ କର ଏବଂ ମୂଲ୍ୟାୟନ କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

| | | | | | | |
|---|---|---|---|---|---|---|
| ୨୮.୧ | ୧.(ଗ) | ୨.(ଗ) | ୩.(ଘ) | ୪.(ଖ) | ୫.(ଗ) | ୬(କ) |
| ୨୮.୨ | ୧. ମିଥ୍ୟା | ୨. ମିଥ୍ୟା | ୩. ସତ୍ୟ | ୪. ମିଥ୍ୟା | ୫. ମିଥ୍ୟା | |
| ୨୮.୩ | ୧. ମିଥ୍ୟା | ୨. ମିଥ୍ୟା | ୩. ସତ୍ୟ | ୪. ମିଥ୍ୟା | ୫. ସତ୍ୟ | |

# ୨୯

# ଯୋଜନା ଏବଂ କାର୍ଯ୍ୟକ୍ରମ ପରିଚାଳନା

# PLANNING AND CONDUCTING PROGRAMMES

ପାଁଚବର୍ଷରୁ କମ୍ ବୟସର ପିଲାମାନଙ୍କର ବୟସ ସହଜରେ ପ୍ରଭାବିତ ହେଉଥିବା ସମୟ । ଏହି ସମୟ ଭିତରେ ଭବିଷ୍ୟତ ବ୍ୟକ୍ତିତ୍ୱର ମୂଳଦୁଆ ପଡେ । ଏହି ବୟସରେ ଯାହା ଶିକ୍ଷାଲାଭ କରାଯାଇଥାଏ, ଏହା ଏତେ ନିବିଷ୍ଟ ଭାବେ ପ୍ରଭାବିତ କରିଥାଏ ଯେ ପରବର୍ତ୍ତୀ ସମୟରେ ପରିବର୍ତ୍ତନ ହେବା ପାଇଁ ଅସମ୍ଭବ ହୋଇପଡେ । ତେଣୁ, ବୟସ୍କ ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ ହେଉଛି ପିଲାମାନଙ୍କୁ ପ୍ରଚୁର ଅନୁଭୂତି ଯୋଗାଇଦେବା ଏବଂ ଉତ୍ତମ ଅଭ୍ୟାସ ଯୁକ୍ତିଯୁକ୍ତ ମନୋଭାବ ଏବଂ ପ୍ରଶ୍ନ ପଚାରିବାର ମାନସିକତା ବିକାଶରେ ସାହାଯ୍ୟ କରିବା ।

ଅଧିକାଂଶ ପ୍ରାକ୍-ପ୍ରାଥମିକ ବିଦ୍ୟାଳୟଗୁଡିକ ପ୍ରାଥମିକ ବିଦ୍ୟାଳୟ ଢାଞ୍ଚାରେ କାମ କରନ୍ତି । ବରଂ ଏହା ଦୁର୍ଭାଗ୍ୟ ଯେ ଏହି ଛୋଟ ଛୋଟ ପିଲାମାନଙ୍କର ଆବଶ୍ୟକତାଗୁଡିକ ଭିନ୍ନ ପ୍ରକାରର ଏବଂ ଯଦି ସେମାନଙ୍କର ଯଥାନୁକୂଳ ବିକାଶକୁ ଆମ୍ଭେମାନେ ଉଦ୍ଦୀପିତ କରିବାକୁ ଚାହୁଁ, ପୂରାପୁରି ଅନ୍ୟ ଏକ ପ୍ରକାରର ଉପାୟ ଆବଶ୍ୟକ ହୁଏ ।

ଏହି ପାଠରେ ଆପଣ କାର୍ଯ୍ୟକ୍ରମ ଯୋଜନା ଏବଂ ଖେଳ ମାଧ୍ୟମରେ ଶିକ୍ଷା ସମ୍ପର୍କରେ ଜାଣିବାକୁ ପାଇବେ ।

## ଉଦ୍ଦେଶ୍ୟ

ଏହି ପାଠଟି ପଢି ସାରିଲା ପରେ, ଆପଣ :

- କାର୍ଯ୍ୟକ୍ରମ ଯୋଜନାକୁ ବ୍ୟାଖ୍ୟା କରିବାରେ ସକ୍ଷମ ହେବେ;
- କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ନୀତିନିୟମଗୁଡିକୁ ଉଲ୍ଲେଖ କରିପାରିବେ; ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଯୋଜନାଗୁଡିକୁ ଉଲ୍ଲେଖ କରିପାରିବେ;
- ବିଭିନ୍ନ ବୟସ (୩ ବର୍ଷରୁ କମ୍ ଏବଂ ୩ରୁ ୫ ବର୍ଷ)ର ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିପାରିବେ ଏବଂ
- ଭୋଜନ କାର୍ଯ୍ୟ ପରିଚାଳନାର ସୋପାନଗୁଡିକୁ ବ୍ୟାଖ୍ୟା କରିପାରିବେ ।

## ୨୯.୧ କାର୍ଯ୍ୟକ୍ରମ ଯୋଜନା- ଧାରଣା ଏବଂ ନୀତିନିୟମ

ଖେଳକେନ୍ଦ୍ର ପାଇଁ ଅଭିଳକ୍ଷିତ ଲକ୍ଷ୍ୟରେ ପହଞ୍ଚିବା ନିମନ୍ତେ କାର୍ଯ୍ୟକ୍ରମ ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଖେଳ କେନ୍ଦ୍ର ପାଇଁ କାର୍ଯ୍ୟକ୍ରମ ଯୋଜନା କରିବା, ଆବଶ୍ୟକୀୟ ଦ୍ରବ୍ୟ ସଂଗ୍ରହ କରିବା ଏବଂ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରାଇବା ସହିତ ସଂଶ୍ଳିଷ୍ଟ । ଯେତେବେଳେ ୫ ବର୍ଷ ବୟସରୁ କମ୍ ବୟସର ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ, ସେତେବେଳେ କେତେକ ନିର୍ଦ୍ଦିଷ୍ଟ ନୀତିନିୟମ ବିଚାର କରାଯିବ ।

### (କ) ପିଲାମାନଙ୍କର ଆବଶ୍ୟକତାଗୁଡିକ ଧାନଦେବା

**୧. ବୟସାନୁରୂପ କାର୍ଯ୍ୟସମୂହ ଯୋଜନା କରିବା**

ଏକ ନିର୍ଦ୍ଦିଷ୍ଟ ବୟସରେ ଗୋଟିଏ ପିଲା କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ । ଯଦି ତା'ର ପ୍ରସ୍ତୁତି ପୂର୍ବରୁ ଏହି କାର୍ଯ୍ୟକ୍ରମଗୁଡିକୁ ଦିଆଯାଏ ସେଗୁଡିକରେ ନିପୁଣତା ହାସଲ କରିବା ପାଇଁ ପିଲାପକ୍ଷରେ କଷ୍ଟକର ହୁଏ ।

**୨. ଠିକ୍ ସମୟରେ କାର୍ଯ୍ୟକ୍ରମ ଆରମ୍ଭ କରିବା**

ଯେତେବେଳେ ଜଣେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ, କାର୍ଯ୍ୟକ୍ରମ ଆରମ୍ଭ କର ଯାହା ଫଳରେ କି ପିଲାଟି କାମ କରିବାରେ ଆନନ୍ଦ ପାଇବ ଏବଂ ସହଜରେ ନିପୁଣତା ଲାଭ କରିବ । ଉଦାହରଣ ସ୍ୱରୂପ, ନୂଆକରି ପ୍ରବେଶ କରିଥିବା ପିଲାପାଇଁ ଅନ୍ୟ ଆୟୋଜିତ ଖେଳ ଖେଳାଇବା ପୂର୍ବରୁ ବଲ୍ ଖେଳର ବ୍ୟବସ୍ଥା କରାଯିବା ଉଚିତ ।

**୩. ପିଲାମାନଙ୍କର ଆବଶ୍ୟକତା ପରିପୂରଣ ନିମନ୍ତେ କାର୍ଯ୍ୟକ୍ରମ ନମନୀୟ ହେବା ଉଚିତ**

କାର୍ଯ୍ୟକ୍ରମଗୁଡିକର ସମୟସୀମା ଏବଂ ପ୍ରକୃତି ପିଲାମାନଙ୍କ ଆଗ୍ରହ ଉପରେ ନିର୍ଭର କରିବା ଉଚିତ । ସମୟେ ସମୟେ, ପିଲାମାନେ ଗୋଟିଏ କାମରେ ବହୁ ସମୟ ଯାଏ ନିମଜ୍ଜିତ ହୋଇଯାଆନ୍ତି । ଏପରିସ୍ଥଳେ, ଶିକ୍ଷକ ତାଙ୍କର ଯୋଜନାକୁ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତୁତ ରହିବା ଉଚିତ ଏବଂ ପିଲାମାନଙ୍କୁ ଦୀର୍ଘ ସମୟ ଧରି କାର୍ଯ୍ୟ ଚାଲୁ ରଖିବା ପାଇଁ ସୁଯୋଗ ଦେବା ଦରକାର । ବେଳେବେଳେ କେତେକ ପଶୁପକ୍ଷୀ (ବିଲେଇ, କୁକୁର, ଗୁଣ୍ଡୁଚିମୂଷା, ଶୁଆ, ଘରଚଟିଆ, ଠେକୁଆ, ବତକ, ମାଙ୍କଡ) ଆସିବା ଫଳରେ କିମ୍ବା ବର୍ଷା ହେବା ଫଳରେ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହୋଇପାରେ । ଶିକ୍ଷକ ଏଭଳି ପରିସ୍ଥିତିକୁ ସଫଳତାର ସହ ଉପଯୋଗ କରିବା ଉଚିତ ।

**୪. ସଂଯୋଜିତ କାର୍ଯ୍ୟକ୍ରମ ଅର୍ଥପୂର୍ଣ୍ଣ ହେବା ଉଚିତ ଏବଂ ପିଲାମାନଙ୍କର ଅଭ୍ୟାସ, ଧାରଣା ଏବଂ ମୂଲ୍ୟବୋଧ ଶିକ୍ଷଣକୁ ସାହାଯ୍ୟ କରିବା ଉଚିତ**

ଉଦାହରଣ ସ୍ୱରୂପ, ସଂଗୀତ ଏବଂ ଗପ ପିଲାମାନଙ୍କର ଭାଷାଗତ ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରେ । କେତେକ ନିର୍ଦ୍ଦିଷ୍ଟ ପଶୁମାନଙ୍କ ବିଷୟ ଉପରେ ଅନୌପଚାରିକ ଆଲୋଚନା/ଭାଷଣ ପିଲାମାନଙ୍କୁ ପଶୁମାନଙ୍କ ଉପରେ ତଥ୍ୟ ପ୍ରଦାନରେ ସାହାଯ୍ୟ କରେ । ପିଲାମାନଙ୍କ ପାଇଁ ଯୋଜନା କରାଯାଉଥିବା ପ୍ରତ୍ୟେକ କାର୍ଯ୍ୟ ଅର୍ଥପୂର୍ଣ୍ଣ ହେବା ଉଚିତ ଏବଂ ଗୋଷ୍ଠୀଜୀବନ ସହ ସମ୍ପର୍କିତ ହେବା ଆବଶ୍ୟକ ।

(୫) **କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ଏବଂ ବାସ୍ତବ ଅନୁଭୂତି ପ୍ରଦାନ କରିବା ଆବଶ୍ୟକ**

ଉଦାହରଣ ସ୍ୱରୂପ ମାଟି ଖୋଳିବା, ମାଟିକୁ ପ୍ରସ୍ତୁତ କରିବା, ମଞ୍ଜି ବୁଣିବା ଏବଂ ପାଣିଦେବା ଇତ୍ୟାଦି ବଗିଚା ସମ୍ପର୍କିତ ପ୍ରତ୍ୟକ୍ଷ ଅନୁଭୂତି । ଅନ୍ୟାନ୍ୟ ଅନୁଭୂତି ଯଥା ଟେକିବା, ପାଣି ଢାଳିବା, ପୂରଣ କରିବା, ନବା ଆଣିବା କରିବା ଏବଂ ବିଭାଗୀକରଣ କରିବା ମଧ୍ୟ ପ୍ରତ୍ୟକ୍ଷ ଅନୁଭୂତି ।

(୬) **ପୁରୁଣା ଅନୁଭୂତିଗୁଡିକୁ ନୂଆ ସହ ସଂଯୋଗ କରିବା**

ଉଦାହରଣ ସ୍ୱରୂପ ବିଭିନ୍ନ ଆକୃତିର ବ୍ଲକ (ଖଣ୍ଡ) ପିଲାମାନଙ୍କୁ ଯୋଗାଇ ଦିଆଯାଇପାରେ ଏବଂ ସେମାନଙ୍କୁ ପାଖ ପରିବେଶରୁ ଏକା ପ୍ରକାର ଆକୃତିର ଜିନିଷ ସଂଗ୍ରହ କରିବାକୁ କୁହାଯାଇପାରେ ।

(୭) **ବିଶ୍ରାମ ଏବଂ ଶୋଇବା ପାଇଁ ସମୟ ପ୍ରଦାନ କରିବା**

ପିଲାମାନେ ବିଶ୍ରାମ ଏବଂ ଶୋଇବା ପାଇଁ ସମୟ ଆବଶ୍ୟକ କରନ୍ତି । ଖେଳକେନ୍ଦ୍ରରେ, ଅତି କମ୍‌ରେ ଦେଢଘଣ୍ଟା (୧ଘ.୩୦ ମିନିଟ୍) ସମୟ ପିଲାମାନଙ୍କୁ ଦିଆଯିବା ଉଚିତ ।

## (ଖ) କାର୍ଯ୍ୟକ୍ରମରେ ବିବିଧତା ରହିବା ଉଚିତ

### (୧) କାର୍ଯ୍ୟକ୍ରମ ବିଭିନ୍ନ ପ୍ରକାରର ହୋଇପାରେ

ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମରେ ଗୀତ, ଗପ, ଅଭିନୟ, ବୌଦ୍ଧିକ ବିକାଶ ପାଇଁ କାର୍ଯ୍ୟାବଳୀ, ବିକାଶ ଏବଂ ସୃଜନାତ୍ମକ କାର୍ଯ୍ୟାବଳୀ, ସଂଯୋଜିତ ଖେଳ, ଜ୍ଞାନ ବିଜ୍ଞାନ ଅନୁଭବ, କ୍ଷେତ୍ର ଭ୍ରମଣ (ଫିଲ୍ଡ ଟ୍ରିପ୍‌ସ) ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମୂହ ଅନ୍ତର୍ଭୁକ୍ତ ହେବା ଉଚିତ ।

(୨) **କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ଏବଂ ଦଳଗତ କାର୍ଯ୍ୟସମୂହ ଅନ୍ତର୍ଭୁକ୍ତ ହେବା ଉଚିତ**

ସଂଯୋଜିତ ଶାରୀରିକ ଏବଂ କ୍ରିୟାତ୍ମକ କାର୍ଯ୍ୟକ୍ରମରେ ବ୍ୟକ୍ତିଗତ କାର୍ଯ୍ୟ ଯଥା ଚିତ୍ରାଙ୍କନ, ରଙ୍ଗବୋଳା କୌଶଳ, ସୃଜନଶୀଳ ନାଟକ/ଖେଳ ଏବଂ ଦଳଗତ ଖେଳ ଯଥା ନେତାକୁ ଅନୁସରଣ କର, ଧନ ଅନ୍ୱେଷଣ ଇତ୍ୟାଦି ଅନ୍ତର୍ଭୁକ୍ତ ହେବା ଉଚିତ ।

**(୩) ମୁକ୍ତ ଖେଳ ଏବଂ ନିର୍ଦ୍ଦେଶିତ କାର୍ଯ୍ୟ ମଧ୍ୟରେ ସନ୍ତୁଳନ ରଖାଯିବା ଉଚିତ**

ପିଲାମାନଙ୍କୁ କୌଣସି ବୟସ୍କଙ୍କ ବିନା ହସ୍ତକ୍ଷେପରେରେ ନିଜ ଅନୁସାରେ ଖେଳକୁ ଉପଭୋଗ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ସମୟ ଦିଆଯିବା ଉଚିତ । ଏହା ସେମାନଙ୍କୁ ଅନୁସନ୍ଧିତ୍ସା, ଅନ୍ୱେଷଣ ଏବଂ ବିଭିନ୍ନ ଖେଳ ଉପକରଣ ବ୍ୟବହାର କରିବାର ଭିନ୍ନ ଭିନ୍ନ ପ୍ରକାର ସମ୍ଭାବନାଗୁଡ଼ିକର ସୁଯୋଗ ପ୍ରଦାନ କରେ । ଶିକ୍ଷକଙ୍କ ଦ୍ୱାରା ପ୍ରବର୍ତ୍ତିତ ଓ ପରିଚାଳିତ କିମ୍ବା ନିର୍ଦ୍ଦେଶିତ ଖେଳ ନିଶ୍ଚିତ ଭାବେ କାର୍ଯ୍ୟକ୍ରମରେ ସ୍ଥାନ ପାଇବା ଆବଶ୍ୟକ ଯେହେତୁ ସେଗୁଡ଼ିକ ପିଲାଙ୍କ ଭିତରେ ସ୍ୱତନ୍ତ୍ର ଧାରଣାଗୁଡ଼ିକୁ ପ୍ରୋତ୍ସାହିତ କରାଏ ।

**(୪) କାର୍ଯ୍ୟକ୍ରମ କ୍ରିୟାତ୍ମକ ଖେଳ ଏବଂ ଶାନ୍ତଖେଳକୁ ଅନ୍ତର୍ଭୁକ୍ତ କରିବା ଉଚିତ**

ଅତ୍ୟଧିକ ଶାରୀରିକ କାର୍ଯ୍ୟ ପିଲାମାନଙ୍କୁ କ୍ଳାନ୍ତ କରାଏ । ତେଣୁ କେତେକ କ୍ରିୟାତ୍ମକ ଖେଳ ପରେ ପିଲାମାନଙ୍କୁ କେତେକ ଆରାମଦାୟକ କାର୍ଯ୍ୟ ଦେବା ଆବଶ୍ୟକ । ପିଲାମାନେ ମଧ୍ୟ ଏକ କ୍ରିୟାତ୍ମକ ଖେଳକୁ ଉପଭୋଗ କରିପାରିବେ କିମ୍ବା କିଛି ନିଶ୍ଚଳ କାମ ପରେ ଖେଳିପାରିବେ ।

## (ଗ) ସର୍ବମୋଟ ଯୋଜନା

**୧. କାର୍ଯ୍ୟକ୍ରମଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଅନୁସାରେ ସଂଯୋଜିତ ହେବା ଆବଶ୍ୟକ**

ବିଷୟବସ୍ତୁଗୁଡ଼ିକ ଗୋଟିଏ ନିର୍ଦ୍ଦିଷ୍ଟ ସପ୍ତାହ କିମ୍ବା ମାସର ଘଟଣାବଳୀ ଉପରେ ପର୍ଯ୍ୟବସିତ ହୋଇପାରେ । ଜାନୁଆରୀ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ, ପୋଙ୍ଗଲ (ଅମଳ ପର୍ବ) ପ୍ରକଳ୍ପର ବିଷୟବସ୍ତୁ ହୋଇପାରିବ ଯେହେତୁ ଏହି ମାସରେ ଏହି ପର୍ବ ପାଳନ କରାଯାଏ । ହୋଲିପର୍ବ ମାର୍ଚ୍ଚ ମାସରେ ହୋଇପାରେ ।

**ଖେଳକେନ୍ଦ୍ରର କାର୍ଯ୍ୟକ୍ରମ ପାଇଁ କେତେକ ପ୍ରସଙ୍ଗ**

| | | |
|---|---|---|
| ପରିବାର | ରଙ୍ଗ | କଳାପ୍ରଦର୍ଶନୀ |
| ସ୍ୱାସ୍ଥ୍ୟ ଏବଂ ପରିମଳ | ନଦୀ | ସ୍ୱାଧୀନତା ସଂଗ୍ରାମୀ |
| ପଶୁ | ପାଣି | ବଡ଼ଦିନ (କ୍ରିସ୍‌ମାସ) |
| ପୋଷାପଶୁ | ପର୍ବତ | ଦୀପାବଳୀ |
| ଗୃହପାଳିତ ପଶୁ | ଋତୁ | ରକ୍ଷାବନ୍ଧନ |
| ବଣୁଆ ପଶୁ | କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟ | ଦଶହରା |

| | | |
|---|---|---|
| କୀଟପତଙ୍ଗ | ଆଲୋକ | ସାଧାରଣତନ୍ତ୍ର ଦିବସ |
| ପକ୍ଷୀ | ସ୍ୱାଧୀନତା ଦିବସ | ପରିବହନ |
| ଚାରା/ଗଛ | ଗାନ୍ଧୀ ଜୟନ୍ତୀ | - ସ୍ଥଳଭାଗ/ଭୂମି |
| ଫୁଲ | ଜନ୍ମାଷ୍ଟମୀ | - ଜଳଭାଗ/ସମୁଦ୍ର |
| ପନିପରିବା | ପୋଲିସ | - ଆକାଶ/ବାୟୁ |
| ଫଳମୂଳ | ଧାୟୀ | ଶିକ୍ଷକ |
| ଧୋବା | ବଢେଇ | ଚନ୍ଦ୍ର ଓ ସୂର୍ଯ୍ୟ |
| କୃଷକ | ଦର୍ଜୀ | ଦିନ ଓ ରାତି |
| କୁମ୍ଭାର | ପୋଷ୍ଟମ୍ୟାନ | ଆମ ଦେଶ |
| ମାଳୀ | ତନ୍ତୀ | ଧାତୁ |
| କେଉଟ | ଶବ୍ଦ | ଦିଗ |
| ସୈନିକ | | ଚୁମ୍ବକତ୍ୱ |
| ଗରମ ଓ ଥଣ୍ଡା | | |

**୨. କେନ୍ଦ୍ରରେ ଉପଲବ୍ଧ ସୁବିଧା ସୁଯୋଗଗୁଡିକର ବିଚାର କରିବା**

ଖେଳକେନ୍ଦ୍ର କାର୍ଯ୍ୟକ୍ରମର ସଫଳତା ଏଠାରେ ଉପଲବ୍ଧ ସୁବିଧା ସୁଯୋଗ ଉପରେ ନିର୍ଭର କରେ । ତେଣୁ ପିଲାଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ଯଥା ବାହାର ଖେଳ ପାଇଁ ଛାଇଥିବା ସ୍ଥାନ, ଘରଭିତର ଖେଳ ପାଇଁ ସ୍ଥାନ, ଉପକରଣ ଏବଂ ଦେଖାରଖା କରିବା ପାଇଁ ବ୍ୟକ୍ତି ବିଶେଷ ଇତ୍ୟାଦି ବିଚାରକୁ ନେବା ଉଚିତ ।

**୩. ଆଗୁଆ କାର୍ଯ୍ୟକ୍ରମ ପ୍ରସ୍ତୁତ ଏବଂ ଆବଶ୍ୟକୀୟ ବ୍ୟବସ୍ଥା କରିବା**

ଆଗୁଆ କାର୍ଯ୍ୟ ପ୍ରସ୍ତୁତି, ସାମଗ୍ରୀ ଯୋଗାଡ ଓ ବିନା ଅସୁବିଧା ଏବଂ ଦ୍ୱନ୍ଦ୍ୱରେ କାର୍ଯ୍ୟକ୍ରମ ସମ୍ପାଦନ, ମୂଲ୍ୟାୟନରେ ସହାୟକ ହୁଏ । ଉଦାହରଣ ସ୍ୱରୂପ ଚଳଚ୍ଚିତ୍ର ପ୍ରଦର୍ଶନ କିମ୍ବା କ୍ଷେତ୍ର ପରିଭ୍ରମଣ ପାଇଁ ଆଗୁଆ ପ୍ରସ୍ତୁତି ଏହାକୁ ସଫଳତାର ସହ ଆୟୋଜନ କରିବା ପାଇଁ ଶିକ୍ଷକଙ୍କ ପକ୍ଷେ ସହଜ ହୁଏ ।

### ନିଜେ ଚେଷ୍ଟା କରନ୍ତୁ

ଯେକୌଣସି ଖେଳକେନ୍ଦ୍ରର ପରିଦର୍ଶନ କରନ୍ତୁ ଏବଂ ସେଠାରେ ଯୋଗାଇ ଦିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ତାଲିକା ପ୍ରସ୍ତୁତ କରନ୍ତୁ ।

### କାର୍ଯ୍ୟ ୩୪.୨

ଜଣେ ଖେଳ କେନ୍ଦ୍ରର ଶିକ୍ଷକଙ୍କୁ ସାକ୍ଷାତ କର ଏବଂ ସେ ଆଗୁଆ ଯୋଜନା କରିଥିବା କାର୍ଯ୍ୟକ୍ରମଗୁଡ଼ିକୁ ଲିପିବଦ୍ଧ କର ।

## ୨୯.୨ ଦୀର୍ଘ ଏବଂ ସ୍ୱଳ୍ପକାଳୀନ ଯୋଜନା




### ଦୀର୍ଘକାଳୀନ ଯୋଜନା

ଗୋଟିଏ ପୂରା ବର୍ଷ ପାଇଁ ଆଗୁଆ ଯୋଜନା ପ୍ରସ୍ତୁତିକୁ ଦୀର୍ଘକାଳୀନ ଯୋଜନା କୁହାଯାଏ । ଦୀର୍ଘକାଳୀନ ଯୋଜନା ବ୍ୟାପକ ଭାବେ କାର୍ଯ୍ୟକ୍ରମକୁ ସୁ-ବ୍ୟବସ୍ଥିତ କରେ । ଏହା ପିଲାମାନଙ୍କର ବିକାଶଗତ ଆବଶ୍ୟକତା, ଶିକ୍ଷଣ ସାମଗ୍ରୀ, ଜିନିଷପତ୍ର ଏବଂ ଖେଳ ସାମଗ୍ରୀ, ଆର୍ଥିକ ବ୍ୟବସ୍ଥା, ସାଧନକର୍ମୀ ସ୍ଥିର କରିବା ଆଦି କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ପିଲାମାନଙ୍କର ଶିକ୍ଷଣ ଅନୁଭୂତି ଯୋଜନା କରିବା ସହିତ ସମ୍ପର୍କିତ ।

ଦୀର୍ଘକାଳୀନ ଯୋଜନା ନୂଆ ଉପକରଣ କିଣିବା, ପୁରୁଣା ଜିନିଷଗୁଡ଼ିକୁ ମରାମତି କରିବା କିମ୍ବା ବଦଳାଇବାରେ ସାହାଯ୍ୟ କରେ ।

### ସ୍ୱଳ୍ପକାଳୀନ ଯୋଜନା

ସଫଳତାର ସହ କାର୍ଯ୍ୟ ସମ୍ପାଦନ ପାଇଁ ଗୋଟିଏ ବର୍ଷର କାର୍ଯ୍ୟକ୍ରମକୁ ଗୋଟିଏ ମାସ କିମ୍ବା ଗୋଟିଏ ସପ୍ତାହ କିମ୍ବା ଗୋଟିଏ ଦିନରେ ଭାଗ ଭାଗ କରିବା ଆବଶ୍ୟକ ପଡେ । ସ୍ୱତନ୍ତ୍ର ଦିନମାନଙ୍କରେ ନିର୍ଦ୍ଦିଷ୍ଟ ଅନୁଭୂତି ପ୍ରଦାନ କରାଯାଇପାରେ । ମାସିକିଆ ଯୋଜନା ସ୍ୱତନ୍ତ୍ର ଘଟଣା କିମ୍ବା କାର୍ଯ୍ୟକ୍ରମଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାରେ ସାହାଯ୍ୟ କରେ । ଏହା ମଧ୍ୟ କାର୍ଯ୍ୟକ୍ରମକୁ ପରିବର୍ତ୍ତନୀୟ ଏବଂ ଆବଶ୍ୟକତା ଭିତ୍ତିକ କରିବାରେ ସାହାଯ୍ୟ କରେ । ସାପ୍ତାହିକ ଯୋଜନା ବିଭିନ୍ନ କାର୍ଯ୍ୟକ୍ରମକୁ ସମ୍ପୃକ୍ତ କରାଏ ଏବଂ ବିକାଶସହ ଆବଶ୍ୟକତାଗୁଡ଼ିକ ପ୍ରତି ଦୃଷ୍ଟି ପ୍ରଦାନ କରେ । ଦୈନିକ

ଯୋଜନା ସମୟସୀମା ନିର୍ଦ୍ଧାରଣ ପାଇଁ ଆବଶ୍ୟକ ହୁଏ । ଏହା ଫଳରେ ବର୍ତ୍ତମାନ କ'ଣ କରାଯିବ, ଆଗାମୀ ଅଧଘଣ୍ଟା ଏବଂ ଅନ୍ୟ ଅଧଘଣ୍ଟା ପରେ କ'ଣ କରାଯିବ ସେ ବିଷୟରେ ଜଣେ ଭଲ ଭାବେ ଅବଗତ ହୁଏ ।

### ଦୈନିକ କାର୍ଯ୍ୟକ୍ରମ

ଗୋଟିଏ ଖେଳକେନ୍ଦ୍ରର ଦୈନିକ କାର୍ଯ୍ୟକ୍ରମ ନିମ୍ନରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରିପାରେ ।

| | |
|---|---|
| ପୂର୍ବାହ୍ନ ୯.୦୦ - ୯.୩୦ | ପିଲାମାନଙ୍କର ଆଗମନ |
| ପୂର୍ବାହ୍ନ ୯.୩୦ - ୧୦.୧୦ | ବାହାର ଖେଳ |
| ପୂର୍ବାହ୍ନ ୧୦.୧୦.-୧୦.୨୦ | ପ୍ରାର୍ଥନା ଏବଂ ଅନୌପଚାରିକ ଆଲୋଚନା |
| ପୂର୍ବାହ୍ନ ୧୦.୨୦-୧୦.୩୦ | ମଧ୍ୟ ପ୍ରାତଃ ଛୁଟି |
| ପୂର୍ବାହ୍ନ ୧୦.୩୦-୧୦.୪୫ | ପ୍ରସ୍ତୁତି କାର୍ଯ୍ୟକ୍ରମ- ସାଧାରଣ |
| ପୂର୍ବାହ୍ନ ୧୦.୪୫-୧୧.୦୦ | ସଙ୍ଗୀତ |
| ପୂର୍ବାହ୍ନ ୧୧.୦୦- ୧୧.୧୫ | ସୃଜନାତ୍ମକ ଅନୁଭୂତି |
| ପୂର୍ବାହ୍ନ ୧୧.୧୫- ୧୧.୩୦ | ବିଜ୍ଞାନ ଅନୁଭୂତି |
| ପୂର୍ବାହ୍ନ ୧୧.୩୦-୧୧.୪୫ | ସଂଗଠିତ ଖେଳ |
| ପୂର୍ବାହ୍ନ ୧୧.୪୫-ମଧ୍ୟାହ୍ନ ୧୨ | ଗପ |
| ଅପରାହ୍ନ ୧୨.୩୦-୧୨.୪୫ | ଖାଇବା କାର୍ଯ୍ୟକ୍ରମ |
| ଅପରାହ୍ନ ୧୨.୪୫- ୨.୪୫ | ବିଶ୍ରାମ ଏବଂ ଶୟନ |
| ଅପରାହ୍ନ ୨.୪୫ -୩.୦୦ | ଶୌଚାଦି କାର୍ଯ୍ୟ ସହ ଜଳଖିଆ |
| ଅପରାହ୍ନ ୩.୦୦- ୩.୩୦ | ବାହାର ଖେଳ ଏବଂ ପ୍ରସ୍ଥାନ |

### ସାପ୍ତାହିକ କାର୍ଯ୍ୟକ୍ରମ

ସାପ୍ତାହିକ କାର୍ଯ୍ୟକ୍ରମର ବିଷୟବସ୍ତୁ ଆଗରୁ ସ୍ଥିର ହେବା ଏବଂ ଯୋଜନା କରାଯିବା ଆବଶ୍ୟକ । ଦୈନିକ କାର୍ଯ୍ୟସମୂହ ପିଲାମାନଙ୍କର ବ୍ୟକ୍ତିଗତ ଏବଂ ଦଳଗତ ଆବଶ୍ୟକତାଗୁଡ଼ିକୁ ବିଚାରକୁ ନେବା ମଧ୍ୟ ଆବଶ୍ୟକ । ଟେବୁଲ ୨୯.୧ ନିମ୍ନରେ ଗୋଟିଏ ଖେଳକେନ୍ଦ୍ରର ନିର୍ଦ୍ଦିଷ୍ଟ ବିଷୟବସ୍ତୁ 'ଫୁଲ' ଉପରେ ଏକ ସାପ୍ତାହିକ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରୁଛି ।



**ଟେବୁଲ ୨୯.୧ :** ଗୋଟିଏ ଖେଳକେନ୍ଦ୍ରର ସାପ୍ତାହିକ କାର୍ଯ୍ୟକ୍ରମ ନମୁନା

ବିଷୟବସ୍ତୁ : ଫୁଲ — ଦଳ ୪-୫ ବର୍ଷ

| ସମୟ | କାର୍ଯ୍ୟକ୍ରମ | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର |
|---|---|---|---|---|---|---|
| ସକାଳ ୯.୧୫-୯.୩୦ | ପିଲାମାନଙ୍କର ଆଗମନ | | | | | |
| ସକାଳ ୯.୩୦-୧୦.୦୦* | ବାହାର ଖେଳ*, ଘର ଭିତରର କାର୍ଯ୍ୟାବଳୀ, ଶାରୀରିକ ବ୍ୟାୟାମ/ ସାଧାରଣ ପ୍ରସ୍ତୁତି କାର୍ଯ୍ୟାବଳୀ | | | | | |
| ସକାଳ ୧୦-୧୦.୨୦ | ପ୍ରାର୍ଥନା, ଅନୌପଚାରିକ ଆଲୋଚନା ଏବଂ ଗୀତ | ଫୁଲର ନାମ 'ରିଙ୍ଗା ରିଙ୍ଗ୍ ରୋଜେସ' | ଫୁଲର ରଙ୍ଗ 'ଫୁଲ ଓ ଅନ୍ୟାନ୍ୟ ସହିତ ସମ୍ପର୍କିତ ଗୀତ ପ୍ରସ୍ତୁତି ଲିଖନ | ଫୁଲର ଗନ୍ଧ କାର୍ଯ୍ୟ | ଫୁଲର ଅଂଶ | ଫୁଲର ବ୍ୟବହାର ସାଧାରଣ ଧାରଣା |
| ସକାଳ ୧୦.୨୦୧୦.୪୫ | ପ୍ରସ୍ତୁତି ଅଭ୍ୟାସ | | ଶାରୀରିକ ବ୍ୟାୟାମ | | | |
| ସକାଳ ୧୦.୪୫ | ସଫାସଫି ଏବଂ ମଧ୍ୟ ପ୍ରାତଃ ସରବତ | | | | | |
| ସକାଳ ୧୧.୨୦-୧୧.୩୦ | **ସୃଜନାତ୍ମକ କାର୍ଯ୍ୟ ମୌଳିକ/ ସ୍ୱତନ୍ତ୍ର କାର୍ଯ୍ୟ ସମ୍ପର୍କିତ ଗପ ସମୟ | | ସୂତା ପ୍ରିଣ୍ଟିଂ, ରଙ୍ଗ କରିବା, ରଙ୍ଗୀନ କାଗଜରେ ଫୁଲ ତିଆରି | ବ୍ଲକ ପ୍ରିଣ୍ଟିଂ ଫୁଲ ପ୍ରିଣ୍ଟିଂ | ଫୁଲ ବା ମାଳି ଗୁନ୍ଥିବା | ଫୁଲ ଡିଜାଇନ |
| ସକାଳ ୧୧.୩୦-୧୧.୪୦ | ବିଜ୍ଞାନ ଅନୁଭୂତି | ରଙ୍ଗ କରିବା, ଫୁଲ ପାଖୁଡାକୁ ପତ୍ରରେ ଲଗାଇବା | ଫୁଲକୁ ନେଇ ଅଭିନୟ ଫୁଲ ମଞ୍ଜି ବୁଣିବା | ଫୁଲ ଏବଂ ତା'ର ଉତ୍ପାଦନ | ଫୁଲ ସଜା | ଗୋଟିଏ ଫୁଲ ବଗିଚା ପରିଦର୍ଶନ |
| ସକାଳ ୧୧.୪୦ | ସଂଗଠିତ ଖେଳ | ଫୁଲ ସମ୍ପର୍କୀୟ ଗପ | | | | |
| ସକାଳ ୧୧.୫୦-୧୨.୧୫ | କାର୍ଯ୍ୟକ୍ରମ ଧୁଆଧୋଇ ଓ ଭୋଜନ | ଫୁଲରେ ମଞ୍ଚସଜା ଫୁଲ ସମ୍ପର୍କିତ ଖେଳ | | | | |

| | |
|---|---|
| ସମୟ | ବିଶ୍ରାମ ଏବଂ ଶୟନ |
| ୧୨.୧୫- ୧୨.୪୫ | ଧୁଆଧୋଇ ଏବଂ ସଂଧ୍ୟା ଜଳଖିଆ |
| ୧୨.୪୫- ୨.୪୫ | ବାହାର ଖେଳ ଏବଂ ପ୍ରସ୍ଥାନ |
| ୨.୪୫- ୩ | |
| ୩.୦୦- ୩.୩୦ | |

* ଦୋଳି, ସ୍ଲାଇଡ୍, ଏବଂ ଜଙ୍ଗଲ ଜିମ୍, ବାଲିଖେଳ, ତିନିଚକିଆ ଖେଳ, ସ୍କୁଟର, ବଲ୍ ଏବଂ ବ୍ୟାଟ୍, ସନ୍ତୁଳନ ପଟା, ସି-ସ ଖେଳ ।

** କଣ୍ଢେଇ ଘର ଖେଳ, ନିର୍ମାଣ ସାମଗ୍ରୀ ଖେଳ, ଚିତ୍ରାଙ୍କନ ଏବଂ ରଙ୍ଗ କରିବା, କାଗଜ କାଟିବା, ଛିଣ୍ଡେଇବା ଓ ଅଠା ଲଗାଇବା, କୋଲେଜ କାର୍ଯ୍ୟ, ସମସ୍ୟା ସମାଧାନ, ଜିଗସ ପ୍ରହେଳିକା ମାଟି ଓ କାଦୁଅ ଖେଳ, ନୃତ୍ୟ, ମାଳି ଗୁନ୍ଥିବା ଇତ୍ୟାଦି ସୃଜନଶୀଳ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ।

## ପାଠଗତ ପ୍ରଶ୍ନାବଳୀ ୨୯.୧

୧. କାର୍ଯ୍ୟକ୍ରମ ଯୋଜନା ବର୍ଣ୍ଣନା କର ।

୨. କାର୍ଯ୍ୟକ୍ରମ ଯୋଜନାର ନୀତିନିୟମଗୁଡ଼ିକ ଉଲ୍ଲେଖ କର ।

୩. ଦୀର୍ଘକାଳୀନ ଏବଂ ସ୍ୱଳ୍ପକାଳୀନ ଯୋଜନାର ଗୋଟିଏ ପାର୍ଥକ୍ୟ ଏବଂ ଗୋଟିଏ ସାମଞ୍ଜସ୍ୟ ପ୍ରଦାନ କର ।

୪. ଠିକ୍ ଉତ୍ତରଟି ବାଛ :

(i) ଖେଳକେନ୍ଦ୍ରର କାର୍ଯ୍ୟକ୍ରମ

(କ) ନମନୀୟ ହେବା ଉଚିତ ।

(ଖ) ଅନମନୀୟ ହେବା ଉଚିତ ।

(ଗ) ସାମୟିକ ହେବା ଉଚିତ ।

(ଘ) ସ୍ଥାୟୀ ହେବା ଉଚିତ ।

(ii) କାର୍ଯ୍ୟକ୍ରମ

(କ) ଉତ୍ତମ ଅନୁଭୂତି ଦେବା ଉଚିତ ।

(ଖ) ଆନନ୍ଦଦାୟୀ ଅନୁଭୂତି ଦେବା ଉଚିତ ।

(ଗ) ପ୍ରତ୍ୟକ୍ଷ ବାସ୍ତବ ଅନୁଭୂତି ଦେବା ଉଚିତ ।

(ଘ) ପର୍ଯ୍ୟାପ୍ତ କୌଶଳ ଉପଲବ୍ଧ କରାଇବା ଉଚିତ ।

(iii) କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମିକ ଭାବେ

(କ) ସାମାଜିକ ଏବଂ ସମାନ୍ତର ଖେଳ ରହିବା ଉଚିତ ।

(ଖ) ବ୍ୟକ୍ତିଗତ ଏବଂ ସମାନ୍ତର ଖେଳ ରହିବା ଉଚିତ ।

(ଗ) କ୍ରିୟାତ୍ମକ ଏବଂ ଶାନ୍ତ ଖେଳ ରହିବା ଉଚିତ ।

(ଘ) ସହଯୋଗୀ ଏବଂ ଦଳଗତ ଖେଳ ରହିବା ଉଚିତ ।

(iv) ଜାନୁଆରୀ ମାସ ଶେଷ ସପ୍ତାହରେ କେଉଁ ପ୍ରସଙ୍ଗଭିତ୍ତିକ କାର୍ଯ୍ୟକ୍ରମ ରହିବା ଉଚିତ ?

(କ) ପଶୁ

(ଖ) ଜାତୀୟ ନେତୃବୃନ୍ଦ

(ଗ) ପାଣି

(ଘ) ଫୁଲ

୫. କାର୍ଯ୍ୟକ୍ରମ ଯୋଜନାର ଯେକୌଣସି ୧୦ଟି ପ୍ରସଙ୍ଗର ତାଲିକା କର ।

୬. ଗୋଟିଏ ଖେଳକେନ୍ଦ୍ରର ସାପ୍ତାହିକ କାର୍ଯ୍ୟକ୍ରମର ଯୋଜନା କର ।

## ୨୯.୩ ଭୋଜନ କାର୍ଯ୍ୟକ୍ରମ ଆୟୋଜନ

ଉତ୍ତମ ପୋଷଣ ଉତ୍ତମ ସ୍ୱାସ୍ଥ୍ୟର ମୂଳ ଆଧାର । ଖେଳ କେନ୍ଦ୍ର କାର୍ଯ୍ୟକ୍ରମରେ ଭୋଜନ କାର୍ଯ୍ୟ ଭିତରେ ଜଳଖିଆ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିବା ଆବଶ୍ୟକ । ଏହି ଭୋଜନ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଛୋଟ ପିଲାମାନଙ୍କୁ ଯଥେଷ୍ଟ ଭୋଜନ ଯୋଗାଇଦେବା ଯାହାକି ସେମାନଙ୍କର ଦୈନିକ ପୁଷ୍ଟିର ଆବଶ୍ୟକତାର ଏକ ତୃତୀୟାଂଶ ପୂରଣ କରିପାରିବ । ପିଲାମାନେ ଘରୁ ଯାହା ଆଣନ୍ତି ତାହା ଯଥେଷ୍ଟ ହୋଇପାରେ କି ନହୋଇପାରେ ।

ବିଦ୍ୟାଳୟରେ ଅନ୍ୟ ପିଲାଙ୍କ ସହ ଏକାଠି ଖାଇବା ପିଲାମାନଙ୍କୁ ଶିଷ୍ଟାଚାର ଶିକ୍ଷଣରେ, ପରିଷ୍କାର ପରିଚ୍ଛନ୍ନତାକୁ ବିବେଚନା କରିବାରେ ଏବଂ ନିଜେ ସ୍ୱାଧୀନ ଭାବେ ଏକା ଏକା ଖାଇବାରେ ସାହାଯ୍ୟ କରେ । ଏହାଛଡ଼ା ଯାହା ଦିଆଯାଏ ତାକୁ ବିନା ଆପତ୍ତି ଅଭିଯୋଗରେ ଖାଇବା ଅଭ୍ୟାସରେ ପଡିଯାଏ । ବର୍ତ୍ତମାନ ଆମ୍ଭେ ଭୋଜନ କାର୍ଯ୍ୟକ୍ରମ ଆୟୋଜନ କଲାବେଳେ କେଉଁ ଉପାଦାନ ପ୍ରତି ଦୃଷ୍ଟିଦେବା ବିଚାର କରିବା । ଆପଣ କେତେକ ଉପାଦାନ ଉପରେ ଚିନ୍ତା କରିପାରିବେ କି ? ଖଣ୍ଡିଏ କାଗଜ ନେଇ ସେଗୁଡିକ ଲେଖନ୍ତୁ । ବର୍ତ୍ତମାନ ନିମ୍ନ ମୁତାବକ ନିଶ୍ଚିତ କରାନ୍ତୁ ।

(କ) ଯେଉଁମାନେ ଖାଇବେ ସେମାନଙ୍କର ଶରୀର ଆକାର ଏବଂ ବୟସ,



(ଖ) ମିଳୁଥିବା ଖାଦ୍ୟ ଏବଂ ତା'ର ମୂଲ୍ୟ

(ଗ) ପରିବାରରୁ ଆସିଥିବା ପିଲାମାନଙ୍କ ଖାଦ୍ୟ ଅଭ୍ୟାସ ଏବଂ ପରମ୍ପରା

(ଘ) ମିଳୁଥିବା ଶ୍ରମ ଏବଂ ତତ୍ତ୍ୱାବଧାରୀୟ ସେବା ।

ଗୋଟିଏ ଭୋଜନ କାର୍ଯ୍ୟକ୍ରମର ବାସ୍ତବିକ ସଂଗଠନ ଏବଂ ଆୟୋଜନ ନିମ୍ନଲିଖିତ ସୋପାନଗୁଡ଼ିକ ସହ ସମ୍ପୃକ୍ତ ।

### (i) ସ୍ଥାୟୀ ଆର୍ଥିକ ସହାୟତା

ଆପଣ ଚିନ୍ତା କରିପାରୁଛନ୍ତି କି କେହି ଜଣେ ଏହି ପାଣ୍ଠି ପାଇଁ ନିୟମିତ ଭାବେ ଟଙ୍କା ପଇସା ପ୍ରଦାନ କରିବ ? ହଁ, ଏହାର ଅନେକ ବିକଳ୍ପ ଅଛି । ଆପଣମାନେ ବାପା ମାଙ୍କୁ ମାଗି ପାରନ୍ତି ଯଦି ଆପଣ ଜାଣନ୍ତି ସେମାନେ ଦେବା ପାଇଁ ସକ୍ଷମ । ଗୋଷ୍ଠୀ (ସମାଜ)କୁ ଅର୍ଥ କିମ୍ବା ଜିନିଷ ଆକାରରେ ଦାନ କରିବା ପାଇଁ କହିପାରନ୍ତି । ସାହାଯ୍ୟ, ସ୍ଥାନୀୟ ଲୋକ, ରାଜ୍ୟ କିମ୍ବା ସରକାରୀ ଅନୁଷ୍ଠାନମାନଙ୍କରୁ ମଗାଯାଇପାରେ ବେଳେବେଳେ କେତେକ ବଦାନ୍ୟ ବ୍ୟକ୍ତି ମଧ୍ୟ ମୋଟାଅଙ୍କର ଆର୍ଥିକ ସହାୟତା ପ୍ରଦାନ କରନ୍ତି ।

### (ii) ରୋଷେଇ ଏବଂ ଖାଦ୍ୟ ବିତରଣ ପାଇଁ ସ୍ଥାନର ନିଶ୍ଚିତତା

ପୂର୍ବ ଆଲୋଚନା ଅନୁଯାୟୀ ଏହି ସ୍ଥାନରେ ପରିଷ୍କାର ପରିଚ୍ଛନ୍ନ ଏବଂ ବାୟୁ ଚଳାଚଳ ହେବା ଆବଶ୍ୟକ । ରୋଷେଇ ଖାଦ୍ୟକୁ ଗଚ୍ଛିତ ରଖିବା ଏବଂ ଖାଦ୍ୟ ପ୍ରକ୍ରିୟା ପାଇଁ ସେଠାରେ ସ୍ଥାନ ରହିବା ଉଚିତ ।

### (iii) ରୋଷେଇ ପାଇଁ ସରଞ୍ଜାମ ଯୋଗାଡ

ଏହା ରୋଷେଇ କରିବା, ଗଚ୍ଛିତ ରଖିବା ଏବଂ ରୋଷେଇ ପ୍ରକ୍ରିୟା ପାଇଁ ଆବଶ୍ୟକ ହୁଏ ।

### (iv) ଖାଦ୍ୟ ତାଲିକା ଯୋଜନା ଏବଂ ପରିମାଣ ନିର୍ଦ୍ଧାରଣ

ଭୋଜନ ପାଇଁ ଖାଦ୍ୟ ତାଲିକା ସାବଧାନତାର ସହ ନିମ୍ନ ଅନୁସାରେ ନିଶ୍ଚିତ ଭାବେ କରାଯିବା ଉଚିତ ।

- ଯଥେଷ୍ଟ ପୌଷ୍ଟିକତା,
- ଋତୁକାଳୀନ ଖାଦ୍ୟର ବ୍ୟବହାର,
- ରୋଷେଇ ଏବଂ ପରଷିବାରେ କମ୍ ପଇସା ଏବଂ ସମୟ,
- ପାରିବାରିକ ଖାଦ୍ୟ ରୁଚି ଅନୁଯାୟୀ ଭିନ୍ନ ଭିନ୍ନ ଏବଂ ରୋଚକ ଖାଦ୍ୟ ପ୍ରସ୍ତୁତି,

- ଆକର୍ଷଣୀୟ ଏବଂ ପାଚନଗୁଣଯୁକ୍ତ ଖାଦ୍ୟ ଏବଂ
- ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ କମ୍ ପୌଷ୍ଟିକତାର କ୍ଷୟ ।

ଭୋଜନ କାର୍ଯ୍ୟକ୍ରମ ପାଇଁ ଖାଦ୍ୟ ତାଲିକା ପ୍ରସ୍ତୁତିର ସୋପାନ

ଆପଣ ୦-୬ ବର୍ଷ ବୟସର ପୌଷ୍ଟିକ ଆବଶ୍ୟକତା ସମ୍ପର୍କରେ ମନେ ରଖିଛନ୍ତି କି ? ଆଇସିଏମ୍ଆର (ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ) ଆର୍‌ଡିଏ (ଦୈନିକ ମାତ୍ରା ନିର୍ଦ୍ଧାରଣ) ବ୍ୟବସ୍ଥା କରିଛି ।

### (i) ଖାଦ୍ୟ ଆବଶ୍ୟକତାର ହିସାବ

୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ICMR ସୁପାରିଶ କରିଥିବା ଖାଦ୍ୟ ପରିମାଣ (ଟେବୁଲ ୨୯.୨)ରୁ, ଦୈନିକ ପ୍ରତି ପିଲା ପିଛା ଆବଶ୍ୟକ ହେଉଥିବା ଖାଦ୍ୟର ଏକ ତୃତୀୟାଂଶ ହିସାବ କରାଯାଏ ଏବଂ ଏହାକୁ ସବୁ ପିଲାଙ୍କ ସହ ଗୁଣାଯାଇ ଖେଳକେନ୍ଦ୍ରରେ ରୋଷେଇ କରାଯିବାକୁ ଥିବା ଖାଦ୍ୟ ପରିମାଣ ସ୍ଥିର କରାଯାଏ ।

**ଟେବୁଲ ୨୯.୨** ଦୈନିକ ସୁପାରିଶ କରାଯାଇଥିବା ଖାଦ୍ୟ ପରିମାଣ

| ଖାଦ୍ୟ ତାଲିକା | ଦୈନିକ ଆବଶ୍ୟକତା (ଗ୍ରାମ୍) | |
|---|---|---|
| | ୧-୩ ବର୍ଷ | ୪-୬ ବର୍ଷ |
| ଶସ୍ୟଜାତୀୟ ଖାଦ୍ୟ | ୧୭୫ | ୨୭୦ |
| ଡାଲି ଜାତୀୟ ଖାଦ୍ୟ | ୩୫ | ୩୫ |
| ପତ୍ର ଜାତୀୟ ପନିପରିବା | ୪୦ | ୫୦ |
| ଅନ୍ୟାନ୍ୟ ପନିପରିବା | ୨୦ | ୩୦ |
| ମୂଳ ଏବଂ କନ୍ଦା ଜାତୀୟ | ୧୦ | ୩୦ |
| କ୍ଷୀର | ୩୦୦ | ୨୫୦ |
| ତେଲ ଏବଂ ଚର୍ବିଜାତୀୟ | ୧୫ | ୨୫ |
| ଚିନି ଏବଂ ଗୁଡ | ୩୦ | ୪୦ |

### (ii) ପୌଷ୍ଟିକ ଆବଶ୍ୟକତା ପୂରଣ ପାଇଁ ଖାଦ୍ୟ ଚୟନ

ପରବର୍ତ୍ତୀ ପଦକ୍ଷେପ ହେଉଛି ସ୍ଥାନୀୟ କମ୍ ମୂଲ୍ୟ ଏବଂ ଋତୁକାଳୀନ ଖାଦ୍ୟ ପ୍ରତି ଗୁରୁତ୍ୱ ଦେଇ ଆବଶ୍ୟକୀୟ ପୌଷ୍ଟିକ ଖାଦ୍ୟ ଚୟନ କରିବା ।

### (iii) ଭୋଜନ ତାଲିକା ଯୋଜନା

ପରବର୍ତ୍ତୀ ପଦକ୍ଷେପ ହେଉଛି ପିଲାଙ୍କ ରୁଚି ଏବଂ ସ୍ୱାଦ ଏବଂ ସହଜରେ ପ୍ରସ୍ତୁତ ହୋଇ ପାରୁଥିବା ଖାଦ୍ୟଦ୍ରବ୍ୟର ତାଲିକା ନିର୍ଣ୍ଣୟ କରିବା । ଏହା ପିଲାମାନଙ୍କର ଖାଦ୍ୟ ଖାଇବା ନିଶ୍ଚିତ କରାଇବ ।

### (iv) ରୋଷେଇ ପାଇଁ ଖାଦ୍ୟ ପରିମାଣ ଆକଳନ କରିବା

ଥରେ ଖାଦ୍ୟ ତାଲିକା ସ୍ଥିର ହେଲାପରେ କେତେ ପିଲା ଖାଇବେ ହିସାବ କରିବା ପ୍ରଧାନ କାମ । ଆପଣ ଜାଣିଛନ୍ତି ଏହା କେମିତି ସ୍ଥିର କରାଯାଏ ।

### (v) ସାମଗ୍ରୀ ସଂଗ୍ରହ ଏବଂ ସଂରକ୍ଷଣ ବ୍ୟବସ୍ଥା

ଖାଦ୍ୟ ପରିମାଣ ଆକଳନ, ଚୟନ, ଖର୍ଚ୍ଚ ଏବଂ ଜିନିଷଗୁଡିକର ସଂରକ୍ଷଣ ପ୍ରତି ଅଧିକ ଧ୍ୟାନ ଦିଆଯିବା ଉଚିତ । ସାମଗ୍ରୀଗୁଡିକର ଆନୁମାନିକ ପରିମାଣ, ସଂରକ୍ଷଣ ବ୍ୟବସ୍ଥା, ରଖିବା ପାଇଁ ଉପଲବ୍ଧ ପାତ୍ର ପ୍ରତି ଦୃଷ୍ଟି ଦେଇ ମାସିକ, ପାକ୍ଷିକ, ସାପ୍ତାହିକ ଏବଂ ଦୈନିକ ଆକଳନ କରାଯାଇଥିବା ସାମଗ୍ରୀର ବିଭାଗୀକରଣ କରାଯାଇପାରେ । ଏହା ମଧ୍ୟ ସାଧାରଣ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଯେ କେତେକ ଖାଦ୍ୟ ନଷ୍ଟଶୀଳ ଏବଂ ଅନ୍ୟ କେତେକ ତାହା ନୁହେଁ । ନଷ୍ଟ ହେଉଥିବା ଖାଦ୍ୟଦ୍ରବ୍ୟକୁ କମ୍ କିନ୍ତୁ ଆବଶ୍ୟକୀୟ ପରିମାଣରେ ଦୈନିକ କିଣାଯାଏ । ଅନ୍ୟାନ୍ୟ ବହୁ ପରିମାଣରେ କିଣାଯାଇ ଗଚ୍ଛିତ ରଖାଯାଇପାରିବ ।

### (vi) ରାନ୍ଧୁଣିଆକୁ ତାଲିମ

ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା, ଖାଦ୍ୟ ପ୍ରସ୍ତୁତି ଏବଂ ପରଷିବାରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇ ତାଲିମ ବ୍ୟବସ୍ଥା ହେବା ଆବଶ୍ୟକ । ଆପଣ କହିପାରିବେକି କାହିଁକି ଏହା ମହତ୍ତ୍ୱପୂର୍ଣ୍ଣ ? ଆଚ୍ଛା ହଁ, ଛୋଟ ପିଲାମାନେ ଖାଦ୍ୟ ସଂକ୍ରମଣ ପ୍ରତି ଅତି ସମ୍ବେଦନଶୀଳ ଏବଂ ଯେକୌଣସି ଉପାୟରେ ପିଲାମାନଙ୍କୁ ଏଥିରୁ ସୁରକ୍ଷା ଦେବା ଉଚିତ । ଅଧିକନ୍ତୁ, ପ୍ରସ୍ତୁତ ଖାଦ୍ୟର ଯଥେଷ୍ଟ ପୌଷ୍ଟିକତା ରହିବା ଆବଶ୍ୟକ ।

### (vii) ମଧ୍ୟାହ୍ନ ଭୋଜନ ସ୍ଥାନରେ ପରିଚ୍ଛନ୍ନତା ବ୍ୟବସ୍ଥା

ରୋଷେଇଘର, ମଧ୍ୟାହ୍ନ ଭୋଜନ ସ୍ଥାନ, ହାତଧୁଆ ସ୍ଥାନ ଏବଂ ରୋଷେଇ ଏବଂ ପରଷିବା ପାଇଁ ବାସନକୁସନ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ । ଯଦି ଏଗୁଡିକ ପରିଷ୍କାର ପରିଚ୍ଛନ୍ନ ନରହେ ତା'ହେଲେ କ'ଣ ଘଟିବ ?

### (viii) ପୁଷ୍ଟିଶିକ୍ଷା କାର୍ଯ୍ୟକ୍ରମର ଆୟୋଜନ

ଯେକୌଣସି ଭୋଜନ କାର୍ଯ୍ୟକ୍ରମର ସଫଳତା ପାଇଁ ପୁଷ୍ଟିଶିକ୍ଷା କାର୍ଯ୍ୟକ୍ରମ ନିଶ୍ଚିତ ଭାବେ କାର୍ଯ୍ୟକ୍ରମରେ

ଅନ୍ତର୍ଭୁକ୍ତ ହେବା ଉଚିତ । ଗୋଟିଏ ଖେଳକେନ୍ଦ୍ରରେ ଭୋଜନ ଶିକ୍ଷା କାର୍ଯ୍ୟକ୍ରମ କେବଳ ପିଲାମାନେ ଯଥେଷ୍ଟ ପରିମାଣ ଖାଇବାରେ ସାହାଯ୍ୟ କରେନି ବରଂ ପିଲାମାନଙ୍କୁ ଖାଦ୍ୟ ସମ୍ପର୍କରେ ଜାଣିବା, ପୌଷ୍ଟିକତା ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ସହିତ ସମ୍ପର୍କ ସହ ପରିବେଶୀୟ ପରିମଳ ବ୍ୟବସ୍ଥା ସମ୍ପର୍କରେ ଜାଣିବାରେ ସାହାଯ୍ୟ କରେ ।

ମନ୍ଦପୁଷ୍ଟିକୁ ପ୍ରତିରୋଧ କରିବା ପାଇଁ ପୁଷ୍ଟିଶିକ୍ଷା ଅତ୍ୟନ୍ତ ଆବଶ୍ୟକ । ପୁଷ୍ଟିଶିକ୍ଷା ପିଲା ଏବଂ ସେମାନଙ୍କର ବାପା ମା'ଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିର ପ୍ରାଧାନ୍ୟ ଉପଲବ୍ଧ କରି ଓ ତାହାର ଅଧିକ ବିଜ୍ଞ ବ୍ୟବହାର କରି ସେମାନଙ୍କର ଖାଦ୍ୟ ଅଭ୍ୟାସକୁ ପରିବର୍ତ୍ତନ କରିବା ସହ ସମ୍ପୃକ୍ତ ଅଟେ ।

ମା'ମାନେ ପୁଷ୍ଟିର ମୌଳିକ ନୀତିନିୟମ ସମ୍ପର୍କରେ ଅଜ୍ଞ ଥାଇପାରନ୍ତି । ଆବଶ୍ୟକୀୟ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଏବଂ ସର୍ବାଧିକ ପୁଷ୍ଟି ସଂରକ୍ଷଣ ନିମିତ୍ତ ରୋଷେଇ ପାଇଁ ଶିକ୍ଷା ଆବଶ୍ୟକ ହୁଏ ।

## ପାଠଗତ ପ୍ରଶ୍ନାବଳୀ ୨୯.୨

୧. ଭୋଜନ କାର୍ଯ୍ୟକ୍ରମର ସଂଜ୍ଞା ପ୍ରଦାନ କର ।

୨. ଭୋଜନ କାର୍ଯ୍ୟକ୍ରମର ଗୋଟିଏ କାର୍ଯ୍ୟ ଉଲ୍ଲେଖ କର ।

୩. ଭୋଜନ କାର୍ଯ୍ୟକ୍ରମ ଆୟୋଜନ ସମୟରେ ମନେ ରଖିବା ପାଇଁ ୪ଟି ପଏଣ୍ଟ ଉଲ୍ଲେଖ କର ।

୪. ସର୍ବାଧିକ ଉପଯୁକ୍ତ ବିକଳ୍ପଟି ବାଛ

(i) ଗୋଟିଏ ଭୋଜନ କାର୍ଯ୍ୟକ୍ରମରେ ନିଶ୍ଚିତ ଭାବେ ଜଣେ ପ୍ରଶିକ୍ଷିତ

(କ) ଶିକ୍ଷକ ରହିବା ଆବଶ୍ୟକ

(ଖ) ରାନ୍ଧୁଣିଆ ରହିବା ଆବଶ୍ୟକ

(ଗ) ସହାୟକ ରହିବା ଆବଶ୍ୟକ

(ଘ) କର୍ମଚାରୀ ରହିବା ଆବଶ୍ୟକ

(ii) ଖାଦ୍ୟ ପଦାର୍ଥର ପରିମାଣ ଆକଳନ

(କ) ରୋଷେଇ ପୂର୍ବରୁ କରାଯିବ

(ଖ) କିଣିବା ପୂର୍ବରୁ କରାଯିବ

(ଗ) ପରିଷିବା ପୂର୍ବରୁ କରାଯିବ

(ଘ) ସଂରକ୍ଷଣ କରିବା ପୂର୍ବରୁ କରାଯିବ

(iii) ଭୋଜନ କାର୍ଯ୍ୟକ୍ରମ ଅଧିକ ସଫଳତା ଲାଭ କରେ ଯେତେବେଳେ ଏହା

(କ) ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଯୋଡାଯାଏ

(ଖ) ପୁଷ୍ଟି ଶିକ୍ଷା ସହିତ ଯୋଡାଯାଏ

(ଗ) ସଂଗ୍ରହ କାର୍ଯ୍ୟକ୍ରମ ସହିତ ଯୋଡାଯାଏ

(ଘ) ପରିମଳ ବ୍ୟବସ୍ଥା ସହ ଯୋଡାଯାଏ

୫ 'କ' ସ୍ତମ୍ଭର ସୂଚନା ସହ 'ଖ' ସ୍ତମ୍ଭର ସୂଚନା ମିଳାଅ

| **ଖାଦ୍ୟଦ୍ରବ୍ୟ** | **ସୁପାରିଶ କରାଯାଇଥିବା ଦୈନିକ ପରିମାଣ** (୧-୩ ବର୍ଷ ବୟସ୍କ ପିଲାଙ୍କ ପାଇଁ ଗ୍ରାମରେ) |
|---|---|
| ୧. ପତ୍ର ପନିପରିବା | (i) ୩୦୦ |
| ୨. କ୍ଷୀର | (ii) ୩୫ |
| ୩. ମୂଳ ପନିପରିବା | (iii) ୨୦ |
| ୪. ଡାଲି ଜାତୀୟ | (iv) ୧୦ |
| ୫. ଶସ୍ୟ ଜାତୀୟ | (v) ୩୦ |
| | (vi) ୧୭୫ |
| | (vii) ୪୦ |

## ଆପଣ କ'ଣ ଶିଖିଲେ

**କାର୍ଯ୍ୟକ୍ରମ ଯୋଜନା**

- ଧାରଣା ଏବଂ ଆବଶ୍ୟକତା
- ବିଚାର
  - ପିଲାମାନଙ୍କର ବିକାଶଗତ ଆବଶ୍ୟକତା
  - ସମୟ
  - ବୟସ
  - ନମନୀୟତା
  - ଅର୍ଥପୂର୍ଣ୍ଣତା
  - ପ୍ରସଙ୍ଗଭିତ୍ତିକ
  - ବିବିଧତା
  - ପିଲାମାନଙ୍କର ଆବଶ୍ୟକତା
  - ପ୍ରତ୍ୟକ୍ଷ ଅନୁଭୂତି
  - କର୍ମଚାରୀ
  - ସୁବିଧା ସୁଯୋଗ
  - ଅଗ୍ରୀମ ଯୋଜନା
- ଭୋଜନ କାର୍ଯ୍ୟକ୍ରମ
  - କାର୍ଯ୍ୟକ୍ରମ ସଂଯୋଜନା ସମୟରେ ଧ୍ୟାନ ଦିଆଯାଉଥିବା ଉପାଦାନ
  - ଭୋଜନ କାର୍ଯ୍ୟକ୍ରମ ଆୟୋଜନର ଉପାଦାନ

## ଅନ୍ତିମ ପ୍ରଶ୍ନାବଳୀ

୧. ଗୋଟିଏ ଖେଳକେନ୍ଦ୍ରରେ ବିଭିନ୍ନ ବୟସବର୍ଗ ପାଇଁ ଶିରୋନାମା ଏବଂ ବିଷୟବସ୍ତୁର ଏକ ତାଲିକା ପ୍ରସ୍ତୁତ କର ।

୨. ନିକଟବର୍ତ୍ତୀ ଖେଳକେନ୍ଦ୍ରର ପରିଦର୍ଶନ କର ଏବଂ ଗୋଟିଏ ସପ୍ତାହର ଖାଦ୍ୟ ତାଲିକାର ବିବରଣୀ ଲେଖ । ଖାଦ୍ୟ ତାଲିକା ଯୋଜନାକୁ ଉପାଦାନ ଅନୁଯାୟୀ ବିଶ୍ଳେଷଣ କର ।



## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୯.୧**

୧. ବହିର ପ୍ରସଙ୍ଗ ଦେଖନ୍ତୁ

୨. ବହିର ପ୍ରସଙ୍ଗ ଅନୁସରଣ କରନ୍ତୁ

୩. ପାର୍ଥକ୍ୟ : ଦୀର୍ଘକାଳୀନ ଯୋଜନା ପୂରା ବର୍ଷକ ପାଇଁ ଆଗୁଆ ପ୍ରସ୍ତୁତ କରାଯାଏ କିନ୍ତୁ ସ୍ୱଳ୍ପକାଳୀନ ଯୋଜନା ତତ୍କାଳ କମ୍ ସମୟର ଯୋଜନାକୁ ବୁଝାଏ ଏବଂ ବିବିଧତା ପ୍ରଦାନରେ ସାହାଯ୍ୟ କରେ ।

ସାମଞ୍ଜସ୍ୟ : ଯୋଜନା ପିଲାମାନଙ୍କର ସମସ୍ତ ବିକାଶଗତ ଆବଶ୍ୟକତାକୁ ଧ୍ୟାନ ଦିଏ ।

୪. (i) କ (ii) ଗ (iii) ଗ (iv) ଖ

**୨୯.୨**

୧. ବହିର ପ୍ରସଙ୍ଗ ଦେଖନ୍ତୁ

୨. ଗୋଟିଏ ଭୋଜନ କାର୍ଯ୍ୟକ୍ରମର କାର୍ଯ୍ୟ ହେଲା ଛୋଟ ଛୋଟ ପିଲାମାନଙ୍କୁ ଯଥେଷ୍ଟ ଭୋଜନ ଯୋଗାଇବା ଯାହାକି ସେମାନଙ୍କର ସମସ୍ତ ପୌଷ୍ଟିକତାର ଏକ ତୃତୀୟାଂଶ ପୂରଣ କରିପାରିବ ।

୩. ବହିର ପ୍ରସଙ୍ଗ ଦେଖନ୍ତୁ

୪. (i) ଖ (ii) ଖ (iii) ଖ

୫. 1. (vii) 2.(i) 3(iv) 4 (ii) 5.(vi)

# ୩୦

# ଖେଳକେନ୍ଦ୍ରରେ ମାତାପିତାଙ୍କ ଏବଂ ଗୋଷ୍ଠୀର ସହଯୋଗ

# INVOLVEMENT OF PARENTS AND COMMUNITY IN A PLAY CENTRE

ପିଲାମାନଙ୍କର ବିକାଶ ପାଇଁ ଦିଗଦର୍ଶନ ଏକ ସହଯୋଗୀ ପ୍ରଚେଷ୍ଟା ଯାହାକି ପିତାମାତା ଏବଂ ଶିକ୍ଷକ, ଖେଳକେନ୍ଦ୍ର ଏବଂ ଘର ମଧ୍ୟରେ ଦ୍ୱି-ପାକ୍ଷିକ ପ୍ରକ୍ରିୟା ହେବା ଉଚିତ । ଜଣେ ଅନ୍ୟ ଜଣକର ବୁଝାମଣା, ସମର୍ଥନ ଏବଂ ସହଯୋଗ ବିନା ସଫଳତାର ସହ କାର୍ଯ୍ୟ କରିପାରିବେ ନାହିଁ । ପିତାମାତା ଏବଂ ଶିକ୍ଷକ ପିଲାକୁ ସମୁଚିତ ଦିଗଦର୍ଶନ ଦେବା ପାଇଁ ସମ୍ପୂର୍ଣ୍ଣ ଭାବେ ଧ୍ୟାନ ଦେବା ଆବଶ୍ୟକ । ଏହି ସମୟରେ ଶିକ୍ଷକ ଓ ପିତାମାତାଙ୍କ ଗୁଣାତ୍ମକ ସମ୍ପର୍କ ପିଲାଟିର ଗଠନାତ୍ମକ ବୟସକୁ ପ୍ରଭାବିତ କରେ ।

## ଉଦ୍ଦେଶ୍ୟ

ଏହି ପାଠଟି ପଢିସାରିଲା ପରେ, ଆପଣ :

- ଖେଳକେନ୍ଦ୍ର ଏବଂ ଘର ମଧ୍ୟରେ ଥିବା ସମ୍ପର୍କର ଆବଶ୍ୟକତା ବ୍ୟାଖ୍ୟା କରିପାରିବେ;
- ଖେଳକେନ୍ଦ୍ରରେ ପିତା-ମାତାଙ୍କ ସହଯୋଗର କର୍ମ ପରିସର ଏବଂ ପଦ୍ଧତି ବୁଝିପାରିବେ;
- ଖେଳକେନ୍ଦ୍ରରେ ଗୋଷ୍ଠୀ ସହଯୋଗର ଗୁରୁତ୍ୱ ବ୍ୟାଖ୍ୟା କରିପାରିବେ;
- ଖେଳକେନ୍ଦ୍ରରେ ମହିଳାମଣ୍ଡଳର ଭୂମିକା ସମ୍ପର୍କରେ ବିବରଣୀ ଦେଇପାରିବେ ଏବଂ
- ସହାୟକ ସେବା ସମ୍ପର୍କରେ ଅବଗତ ହେବେ ।

## ୩୦.୧ ଖେଳକେନ୍ଦ୍ର ଏବଂ ଘରର ସମ୍ପର୍କ

ପିଲାମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଖେଳକେନ୍ଦ୍ରର ଉଭୟ ଭିତର ଏବଂ ବାହାରର ଅନେକ ପ୍ରମୁଖ ବୈଶିଷ୍ଟ୍ୟ ବିକାଶ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରେ । ପିତାମାତା ପିଲାର ସାମାଜିକୀକରଣର ପ୍ରଥମ କାରକ ଅଟନ୍ତି । ତାପରେ ଖେଳକେନ୍ଦ୍ର/ ପ୍ରାକ୍-ପ୍ରାଥମିକ ସ୍କୁଲର କର୍ମଚାରୀମାନଙ୍କର କଥା ଆସେ । ସେଇଥିପାଇଁ ଖେଳକେନ୍ଦ୍ର ଏବଂ ଘର ପରସ୍ପର ମଧ୍ୟରେ ବୁଝାମଣା ରଖି ଦକ୍ଷତା ଏବଂ ସହଯୋଗୀତାର ସହ କାର୍ଯ୍ୟ କରିବା ଆବଶ୍ୟକ ହୁଏ ।



ଶିକ୍ଷକ ପିଲାର ପରିବାର ସମ୍ପର୍କରେ ଯଥେଷ୍ଟ ଧାରଣା ବିନା ପିଲାର ଆଗ୍ରହ, ଆବଶ୍ୟକତା ଏବଂ ଅଭିପ୍ରେରଣାଗୁଡିକୁ ବୁଝିପାରିବେ ନାହିଁ । ଯେତେବେଳେ ଶିକ୍ଷକ ପିତାମାତାଙ୍କ ସହ କାର୍ଯ୍ୟ କରନ୍ତି, ସେତେବେଳେ ସେ ଖେଳ କେନ୍ଦ୍ରରେ ଏକ ସୁସ୍ଥ ଏବଂ ଅନୁକୂଳ ବାତାବରଣ ସୃଷ୍ଟି କରନ୍ତି ।

## ୩୦.୨ ଗୁରୁତ୍ୱ

ଖେଳକେନ୍ଦ୍ର-ଘର ସମ୍ପର୍କ

- ପିଲାମାନଙ୍କର ରୁଚିକୁ ଗ୍ରହଣ କରି ପିତାମାତା ଏବଂ ଶିକ୍ଷକଙ୍କ ମଧ୍ୟରେ ଉତ୍ତମ ବୁଝାମଣାରେ ସାହାଯ୍ୟ କରେ ।
- ଖେଳ କେନ୍ଦ୍ର କ'ଣ ସେ ସମ୍ପର୍କରେ ଉତ୍ତମ ବୁଝାମଣା ସୃଷ୍ଟି କରିବାରେ ସାହାଯ୍ୟ କରେ ।
- ଅନ୍ୟ ବାପାମା'ଙ୍କୁ ସାକ୍ଷାତ କରିବାର ସୁଯୋଗ ସୃଷ୍ଟି କରିବାରେ ଏବଂ ସେମାନଙ୍କର ଅନୁଭୂତିରୁ ଜାଣିବାରେ ସାହାଯ୍ୟ କରେ ।
- ପିଲାମାନଙ୍କର ଲାଳନ ପାଳନ ଏବଂ ପ୍ରଶିକ୍ଷଣ ସମ୍ବନ୍ଧୀୟ କୌଶଳ ଜାଣିବାରେ ସାହାଯ୍ୟ କରେ ।

## ୩୦.୩ କିପରି ଖେଳକେନ୍ଦ୍ର ଏବଂ ଘର ମଧ୍ୟରେ ସମ୍ପର୍କ କିପରି ଫଳପ୍ରଦ କରିପାରିବେ ?

ଖେଳକେନ୍ଦ୍ର ଘର ମଧ୍ୟରେ ସମ୍ପର୍କ ଫଳପ୍ରଦ କରିବା ପାଇଁ ଜଣେ ଶିକ୍ଷକ

- ପ୍ରତ୍ୟେକ ପିତାମାତାଙ୍କ ଆବଶ୍ୟକତା, ଅନୁଭବ ଏବଂ ପ୍ରତ୍ୟାଶାଗୁଡିକ ବୁଝିବା ଉଚିତ ।
- ପିତାମାତା କ'ଣ ଜାଣିବାକୁ ଚାହୁଁଛନ୍ତି ସେଥିପ୍ରତି ଦୃଷ୍ଟି ଦେବା ଉଚିତ ।
- ନିଜ ପିଲାମାନଙ୍କ ସମ୍ବନ୍ଧରେ ପିତାମାତାଙ୍କ ଆବଶ୍ୟକତାଗୁଡିକୁ ପୂରଣ କରିବା ଏବଂ ସେମାନଙ୍କ ଠାରୁ ଉତ୍ତମ ସହଯୋଗ ଲାଭ କରିବା ଉଚିତ ।
- ପିତାମାତା ଯିଏ ଯେମିତି ସେମିତି ତାଙ୍କୁ ସମ୍ମାନ ଦେବା ଉଚିତ ।
- ପିତାମାତାଙ୍କ ସହ ଆରାମ ଦାୟକ, ଖୋଲା ଏବଂ ବନ୍ଧୁଭାବାପନ୍ନ ହେବା ଉଚିତ ।
- ପିତାମାତାଙ୍କ ଠାରୁ ଶିଖିବାର ଆଗ୍ରହ ରହିବା ଉଚିତ ।
- ପିତାମାତାଙ୍କୁ ଜଣାଇଦେବା ଉଚିତ ଯେ ଶିକ୍ଷକ ପିଲାର ମଙ୍ଗଳ ପାଇଁ ଇଚ୍ଛୁକ ଏବଂ ନିଜର କାର୍ଯ୍ୟ ଅଧିକ ସଫଳତାର କରିବା ପାଇଁ ସେମାନେ ସହଯୋଗ କରିବା ଉଚିତ ।
- ପ୍ରତିରକ୍ଷାମୂଳକ ମନୋଭାବ ଦୂର କରି ପିତାମାତାଙ୍କୁ ସହଜ ଅନୁଭୂତି ଦେବା ଉଚିତ ।

- ପିତାମାତାଙ୍କ ପରାମର୍ଶ ଗ୍ରହଣ କରିବା ପାଇଁ ଆଗ୍ରହ ଦେଖାଇବା ଉଚିତ ।
- ଜଣେ ଭଲ ଶ୍ରୋତା ହେବା ଏବଂ ପିତାମାତାଙ୍କୁ କହିବା ପାଇଁ ପ୍ରୋତ୍ସାହିତ କରିବା ଉଚିତ ।
- ପିଲାମାନଙ୍କ ଉପସ୍ଥିତିରେ ପିଲାମାନଙ୍କ ସମ୍ପର୍କରେ ଆଲୋଚନାରୁ ଦୂରରେ ରହିବା ଉଚିତ ।
- ହଠାତ୍ କୌଣସି ସିଦ୍ଧାନ୍ତ ଏବଂ ମନ୍ତବ୍ୟରୁ ଦୂରରେ ରହିବା ଉଚିତ ।
- ପିଲାମାନଙ୍କ ପାଇଁ ସକରାତ୍ମକ ଏବଂ କମ୍ ଦୋଷଦର୍ଶୀ ହେବା ଉଚିତ ।
- ପିଲାମାନଙ୍କ ପ୍ରତି ନିରପେକ୍ଷ ହେବା ଏବଂ ସେମାନଙ୍କ ସହ ଅନ୍ୟ ପିଲାମାନଙ୍କୁ ତୁଳନା ନକରିବା ଉଚିତ ।
- ପିଲାକୁ ଆଦେଶ ଦେବା ଏବଂ ପିଲା ଉପରେ ଆଧିପତ୍ୟ ଦୂର କରିବା ଉଚିତ ।

ଖେଳକେନ୍ଦ୍ର-ଘର ମଧ୍ୟରେ ଏକ ସୁବିବେଚିତ ଏବଂ ଫଳପ୍ରଦ ସମ୍ପର୍କ ବଜାୟ ରଖିବା ପାଇଁ ଶିକ୍ଷକଙ୍କର ପିତାମାତାଙ୍କ ସହିତ ଏକ ସକାରାତ୍ମକ ସମ୍ପର୍କ ସୃଷ୍ଟି କରିବା ଆବଶ୍ୟକ ।

## ନିଜେ ଚେଷ୍ଟା କରନ୍ତୁ

ଆପଣ ଏକ ନିକଟବର୍ତ୍ତୀ ଖେଳକେନ୍ଦ୍ରରେ ପ୍ରାକ୍ ପ୍ରାଥମିକ ସ୍କୁଲର ଶିକ୍ଷକଙ୍କ ଦ୍ୱାରା ପିତାମାତାଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟି ପାଇଁ କରାଯାଇଥିବା ଚେଷ୍ଟା ବିଷୟରେ ଅବଗତ ହୁଅନ୍ତୁ ।

## ପାଠଗତ ପ୍ରଶ୍ନାବଳୀ ୩୦.୧

୧. ଶୂନ୍ୟସ୍ଥାନ ପୂରଣ

(କ) ................ ଶିଶୁଙ୍କ ବିକାଶରେ ପ୍ରଥମ ଏବଂ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

(ଖ) ଶୈକ୍ଷିକ ବ୍ୟବସ୍ଥାରେ ନୂଆ ଧାରା............. ମାଧ୍ୟମରେ ପିତାମାତାଙ୍କ ପାଖକୁ ସର୍ବୋତ୍ତମ ଭାବେ ପ୍ରେରିତ ହୁଏ ।

(ଗ) ପିଲାମାନଙ୍କ ସହ ଆଚରଣ ସମୟରେ ଶିକ୍ଷକଙ୍କର .................. ମନୋଭାବ ରହିବା ଆବଶ୍ୟକ ।

(ଘ) ଶିକ୍ଷକ, ପିତାମାତାମାନେ ଯେପରି, ଠିକ୍ ସେହିପରି ତାଙ୍କୁ................. କରିବା ଉଚିତ ।



୨. ଗୋଟିଏ ଶବ୍ଦରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

(i) ପିଲାର ପ୍ରଥମ ସାମାଜିକୀକରଣର କାରକର ନାମ ଲେଖ ।

(ii) କିଏ ସର୍ବୋତ୍ତମ ଭାବେ ପିଲାକୁ ବୁଝିପାରିବ/ଜାଣିପାରିବ ?

(iii) କିଏ ପିଲାର ଭାବନା ଏବଂ କୌଶଳ ପ୍ରକାଶରେ ସାହାଯ୍ୟ କରିପାରିବ ?

(iv) ଯେତେବେଳେ ଆପଣ ପିଲା ସମ୍ପର୍କରେ ପିତାମାତାଙ୍କ ସହ ଆଲୋଚନା କରିବାକୁ ଚାହାନ୍ତି କାହାକୁ ବାହାରକୁ ପଠାଇବେ ?

## ୩୦.୪ ପିତୃମାତୃକ ସହଯୋଗ (ପିତାମାତାଙ୍କ ସହଯୋଗିତା)

ଖେଳ କେନ୍ଦ୍ରରେ ସେବାଯତ୍ନ କରୁଥିବା ବ୍ୟକ୍ତି/ଶିକ୍ଷକ ବହୁ ସମୟରେ ଦ୍ୱିତୀୟ ପିତାମାତା ଭାବେ କାର୍ଯ୍ୟ କରନ୍ତି । ସେବାଯତ୍ନକାରୀର ପିତାମାତାଙ୍କ ସହ ସମ୍ପର୍କ ପାରସ୍ପରିକ ସମ୍ମାନ ଏବଂ ବିଶ୍ୱାସ ଉପରେ ସ୍ଥାପିତ ହେବା ନିହାତି ଆବଶ୍ୟକ । ପିଲା ପିତାମାତା ଏବଂ ସେବାଯତ୍ନକାରୀଙ୍କୁ ଗୋଟିଏ ସାଧାରଣ ଉଦ୍ଦେଶ୍ୟ ପାଇଁ ଏକାଠି କରନ୍ତି ।

ଖେଳକେନ୍ଦ୍ର ଘରର ସମ୍ପ୍ରସାରଣ ଏବଂ ପରିପୂରକ ହେବା ଉଚିତ । ଏଣୁ ପିତାମାତାଙ୍କ ପାଇଁ କାର୍ଯ୍ୟକ୍ରମ ଖେଳକେନ୍ଦ୍ରର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ଅଟେ। ସେଗୁଡିକ ଯେତେ ଦକ୍ଷ ହୁଅନ୍ତୁନା କାହିଁକି, ଖେଳକେନ୍ଦ୍ରଗୁଡିକ ପିତାମାତାଙ୍କ ସହଯୋଗ ବିନା ପିଲାମାନଙ୍କର ସର୍ବାଧିକ ବିକାଶ ସାଧନ କରିପାରିବ ନାହିଁ ।

### ଗୋଟିଏ ଖେଳକେନ୍ଦ୍ରରେ ପିତାମାତାଙ୍କ ସହଯୋଗର ପରିସର

ପିତାମାତାଙ୍କ ସମ୍ପୃକ୍ତି ପିତୃମାତୃକ ସହଯୋଗର ଏକ ବାସ୍ତବୀକରଣ ପ୍ରକ୍ରିୟା ଯାହା ସେମାନଙ୍କର ଶକ୍ତି, ସାମର୍ଥ୍ୟ ଏବଂ ପ୍ରତିଭାକୁ ଆବିଷ୍କାର କରିବାରେ ଏବଂ ସୁବିଧାଜନକ ଭାବେ ବ୍ୟବହାର କରିବାରେ ସାହାଯ୍ୟ କରିଥାଏ।

**ପିତୃମାତୃକ ସହଯୋଗ :**

୧. ବେତନଭୋଗୀ କର୍ମଚାରୀଙ୍କ ଆବଶ୍ୟକତାକୁ ପରିପୂରଣ କରି, ଖେଳକେନ୍ଦ୍ରର ବଜେଟ୍ ଉପରେ ଆର୍ଥିକ ବୋଝ ହ୍ରାସ କରେ ।

୨. ପିତାମାତାଙ୍କ ସହଯୋଗରେ ଶିକ୍ଷକମାନଙ୍କୁ ଅଧିକ ଅର୍ଥପୂର୍ଣ୍ଣ ଏବଂ ବ୍ୟକ୍ତିକୈନ୍ଦ୍ରିକ ଖେଳକାର୍ଯ୍ୟ ଆୟୋଜନ କରାଇବାରେ ସହାୟକ ହୁଏ । ପିତାମାତାମାନଙ୍କୁ ନିଜ ଭୂମିକାକୁ ସଫଳତାର ସହ ସମାଧାନ କରିବା ପାଇଁ ଶିକ୍ଷା ପ୍ରଦାନ କରେ ଓ ପ୍ରସ୍ତୁତ କରେ ।

## ୩୦.୫ ପିତାମାତାଙ୍କ ସମ୍ପୃକ୍ତି : ପ୍ରଣାଳୀ

(କ) **ଅନୌପଚାରିକ କଥାବାର୍ତ୍ତା :** ଯେତେବେଳେ ବାପାମାଆମାନେ ସକାଳେ ଖେଳକେନ୍ଦ୍ରରେ ପିଲାଙ୍କୁ ଛାଡିବାକୁ ଏବଂ ଅପରାହ୍ନରେ ନେବା ପାଇଁ ଆସନ୍ତି ଶିକ୍ଷକ ସେମାନଙ୍କୁ ଭେଟନ୍ତି । ପିତାମାତାଙ୍କ ସହ ଏହି ଅନୌପଚାରିକ କଥାବାର୍ତ୍ତା ମାଧ୍ୟମରେ ପାରସ୍ପରିକ ସମ୍ପର୍କ ପ୍ରତିଷ୍ଠା ହୁଏ ।

(ଖ) **ପିତାମାତାଙ୍କ ସଭା :** ନିୟମିତ ପିତାମାତାଙ୍କ ବୈଠକ ଔପଚାରିକ ଓ ଅନୌପଚାରିକ ଭାବେ ପିତାମାତାଙ୍କୁ ଖେଳକେନ୍ଦ୍ରର ଲକ୍ଷ୍ୟ, କାର୍ଯ୍ୟାବଳୀ ଏବଂ ମୂଲ୍ୟାୟନ ସମ୍ପର୍କରେ ଜାଣିବାରେ ଏକ ମାଧ୍ୟମ ପାଲଟେ । ପିତାମାତାଙ୍କ ଶିକ୍ଷାଦାନ ନିମନ୍ତେ ବକ୍ତୃତା, ପ୍ରଦର୍ଶନ, କଥୋପକଥନ ଓ ଫିଲ୍ମସ୍, କ୍ୟାସେଟ୍, ବହି, ମଡେଲ, ପ୍ରଦର୍ଶନୀ ଏବଂ କଣ୍ଢେଇ ନାଚ ବ୍ୟବହାର କରାଯାଇପାରିବ ।

(ଗ) **ସାମାଜିକ ଉତ୍ସବ :** ପିଲାମାନଙ୍କ ସହ ବଣଭୋଜି କିମ୍ବା କ୍ଷେତ୍ର ଭ୍ରମଣ (ଫିଲ୍ଡ ଟ୍ରିପ୍)ରେ ସହଯୋଗ କରିବା ଦ୍ୱାରା ପିତାମାତା ଶିକ୍ଷକଙ୍କୁ ଜାଣିବା ସହଜ ହୁଏ ଏବଂ ସମ୍ଭବତଃ ବନ୍ଧୁତା, ପାରସ୍ପରିକ ସମ୍ପର୍କ ଏବଂ ସାହାଯ୍ୟ ସମର୍ଥନରେ ପିତାମାତାଙ୍କୁ ସୁଯୋଗ ପ୍ରଦାନ କରେ । ପିଲାମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ମା'ମାନେ ସ୍ୱତଃପ୍ରବୃତ୍ତ ଭାବେ ଆସିପାରନ୍ତି ଏବଂ ଶିକ୍ଷକଙ୍କୁ ସାହାଯ୍ୟ ସହଯୋଗର ହାତ ବଢାଇପାରନ୍ତି । ଏହା ସେମାନଙ୍କୁ ପିଲାମାନଙ୍କର ଅନୁସନ୍ଧିତ୍ସା ଏବଂ ସୃଜନଶୀଳତାକୁ ପରିଚାଳନା କରିବା ପାଇଁ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରେ । ଖେଳକେନ୍ଦ୍ରରେ ପର୍ବପର୍ବାଣୀ ଏବଂ କ୍ରୀଡା ଏମିତି ଭାବେ ଯୋଜନା କରାଯିବା ଉଚିତ ଯେପରିକି ପିତାମାତା ଏବଂ ପିଲାମାନେ ନିଜେ ନିଜେ ଉପଭୋଗ କରିପାରିବେ ।

(ଘ) **ଗୃହ ପରିଦର୍ଶନ :** ଆବଶ୍ୟକୀୟ ତଥ୍ୟ ସଂଗ୍ରହ ପାଇଁ ଗୃହ ପରିଦର୍ଶନ ଏକ ପ୍ରମୁଖ ମାଧ୍ୟମ । ଶିକ୍ଷକ ପିତାମାତାଙ୍କ ସହ ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା କରନ୍ତି ଏବଂ ସେମାନଙ୍କୁ ଘରେ ସାକ୍ଷାତ କରୁଛନ୍ତି ବୋଲି ଜଣାଇ ଦିଅନ୍ତି । ଶିକ୍ଷକ ଘରର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରନ୍ତି ଏବଂ ପିଲାମାନଙ୍କୁ ସୁଚାରୁରୂପେ ସାହାଯ୍ୟ କରିବା ପାଇଁ ଚେଷ୍ଟା କରନ୍ତି ।

(ଙ) **ପିତାମାତା ଶିକ୍ଷା :** ଖେଳକେନ୍ଦ୍ରରେ ପ୍ରତିମାସରେ ଥରେ କିମ୍ବା ଦୁଇମାସରେ ଥରେ ପିତାମାତା ଏକାଠି ହୋଇପାରନ୍ତି ଏବଂ ଜ୍ଞାନ ଏବଂ କୌଶଳ ହାସଲ କରିପାରନ୍ତି । ପିତାମାତାଙ୍କ ପସନ୍ଦ ମୁତାବକ ଟୀକାକରଣ, ଜଳଚିକିତ୍ସା, ପିଲାଙ୍କ ପାଇଁ ଗପ ଏବଂ ପରିତ୍ୟକ୍ତ ଜିନିଷପତ୍ରରୁ କଣ୍ଢେଇ ତିଆରି କରିବା ଆଦି ବିଷୟବସ୍ତୁ ଉପରେ ସଭାସମିତି ଆୟୋଜନ କରାଯାଇପାରିବ ।

(ଚ) **ବ୍ୟକ୍ତିଗତ ଆଲୋଚନା :** କେତେକ ପିତାମାତା ଗୋଟିଏ ସଭାରେ ସେମାନଙ୍କ ପିଲାମାନଙ୍କ

ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ପସନ୍ଦ କରନ୍ତି ନାହିଁ, କିନ୍ତୁ ଅନେକ ବ୍ୟକ୍ତିଗତ ଭାବେ ସେମାନଙ୍କର ଅସୁବିଧାଗୁଡ଼ିକୁ ଶିକ୍ଷକଙ୍କ ପାଖରେ ଖୋଲାଖୋଲି ଭାବେ ପ୍ରକାଶ କରନ୍ତି । ଯଦି ଏହି ପିତାମାତାମାନଙ୍କୁ ଶିକ୍ଷକଙ୍କ ସହ ଆଲୋଚନା କରିବାକୁ ସୁଯୋଗ ଦିଆଯାଏ, ଶିକ୍ଷକ ପିଲାମାନଙ୍କୁ ଭଲ ଭାବେ ଜାଣିବାର ସୁଯୋଗ ପାଇପାରିବେ । ବ୍ୟକ୍ତିଗତ କଥାବାର୍ତ୍ତା କିମ୍ବା ଆଲୋଚନା ଯୋଜନାବଦ୍ଧ ଭାବେ କିମ୍ବା ସାମୟିକ ଭାବେ କରାଯାଇପାରିବ ।

ଏହି ଉପାୟରେ ସବୁ ପିତାମାତା ସମ୍ପୃକ୍ତ ହେବାକୁ ନଚାହିଁପାରନ୍ତି । ବାପା ମା'ଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତା ପ୍ରତି ସମ୍ବେଦନଶୀଳତା ଏବଂ ସେମାନଙ୍କର ଆବଶ୍ୟକତା ପିତାମାତାଙ୍କ ଅବଦାନକୁ ପ୍ରୋତ୍ସାହିତ କରିବା ପାଇଁ ସହାୟକ ଅଟେ । ଯେତେବେଳେ ପିତାମାତାମାନେ ନିଷ୍ପତ୍ତି ନେବାରେ ସମ୍ପୃକ୍ତ ହୁଅନ୍ତି ସେମାନେ ଦାୟିତ୍ୱ ସମ୍ପନ୍ନ ହୁଅନ୍ତି ଏବଂ ଖେଳକେନ୍ଦ୍ର ପାଇଁ ପ୍ରତିଶ୍ରୁତିବଦ୍ଧ ରହନ୍ତି ।

ସହଯୋଗୀ ବାପା ମା'ଙ୍କ ସାହାଯ୍ୟରେ ଶିକ୍ଷକ ପିତାମାତାଙ୍କ ପାଇଁ ଗୋଟିଏ ବର୍ଷର କାର୍ଯ୍ୟକ୍ରମର ଯୋଜନା କରିବେ ଏବଂ ସେମାନଙ୍କୁ ଯଥୋଚିତ କାର୍ଯ୍ୟ ନ୍ୟସ୍ତ କରାଯାଇପାରିବ । ବର୍ଷ ଶେଷରେ ଶିକ୍ଷକ କାର୍ଯ୍ୟଗୁଡ଼ିକୁ ସମୀକ୍ଷା କରି କାହାର କାର୍ଯ୍ୟ ସଫଳ ହେଲା ଏବଂ କିଏ ବିଫଳ ହେଲେ ଦେଖିପାରିବେ । ଏହି ପ୍ରକ୍ରିୟା ପିତାମାତାଙ୍କୁ ଭବିଷ୍ୟତରେ ଅଧିକ ଭଲ ଭାବେ ସମ୍ପୃକ୍ତ ହେବା ପାଇଁ ନିଶ୍ଚିତ କରାଇପାରେ ।

## ନିଜେ ଚେଷ୍ଟା କରନ୍ତୁ

୧. ୪ ଦଳ ପିତାମାତାଙ୍କୁ ସାକ୍ଷାତ କରନ୍ତୁ ଏବଂ ସେମାନେ ପିଲାଙ୍କ ଖେଳକେନ୍ଦ୍ରରେ କେଉଁ ବିଷୟରେ ଆଲୋଚନା କରିବାକୁ ଚାହାନ୍ତି ବାହାର କରନ୍ତୁ । ଆପଣଙ୍କ ଫଳାଫଳକୁ ଲିପିବଦ୍ଧ କରାନ୍ତୁ ।

୨. ଯେକୌଣସି ଦୁଇଟି ପରିବାର ଦର୍ଶନ କରନ୍ତୁ ଏବଂ ସେମାନେ ଖେଳକେନ୍ଦ୍ରରେ କେମିତି ସଂଶ୍ଳିଷ୍ଟ/ ସମ୍ପୃକ୍ତ ହେବାକୁ ଚାହାନ୍ତି ଆଲୋଚନା କରନ୍ତୁ ।

## ପାଠଗତ ପ୍ରଶ୍ନାବଳୀ ୩୦.୨

୧. ଶୂନ୍ୟସ୍ଥାନ ପୂରଣ କର :

(କ) ପିଲାର ଦ୍ୱିତୀୟ ପିତାମାତା ............... ଅଟନ୍ତି ।

(ଖ) ଶିକ୍ଷକ ଜଣେ ପିଲାକୁ ତା ପରିବାର ସମ୍ପର୍କରେ ଯଥେଷ୍ଟ ................ ବିନା ବୁଝିପାରିବେ ନାହିଁ ।

(ଗ) ............... ପିଲାର ପାରିବାରିକ ଜୀବନ ସମ୍ପର୍କରେ ବହୁ ପରିମାଣରେ ଜାଣିବା ପାଇଁ ସହାୟକ ହୁଏ ।

(ଘ) ପିତାମାତାଙ୍କ ବୈଠକ ............. ଅନୁଷ୍ଠିତ ହେବା ଉଚିତ ।

(ଙ) ଖେଳକେନ୍ଦ୍ର ଏବଂ ଘର ମଧ୍ୟରେ ଫଳପ୍ରଦ ସମ୍ପର୍କ ପାଇଁ ଶିକ୍ଷକ ନିଶ୍ଚିତ ଭାବେ ............ ସହଯୋଗ ଉଦ୍ରେକ କରିବା ଉଚିତ ।

୨. ଶିକ୍ଷକ-ପିତାମାତାଙ୍କ ସହଯୋଗର ବିଭିନ୍ନ ପ୍ରକାର ପ୍ରଣାଳୀର ନାମ ଉଲ୍ଲେଖ କର ।

## ୩୦.୬ ଗୋଷ୍ଠୀ ସହଯୋଗ

ଗୋଷ୍ଠୀ ପରିବାରର ସମସ୍ତ ସଦସ୍ୟ, ପାଖ ପଡୋଶୀ, ଗୋଷ୍ଠୀ କର୍ମୀ ଏବଂ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ଗଠିତ । ଶିକ୍ଷକଙ୍କ ପକ୍ଷରେ ଖେଳକେନ୍ଦ୍ର କେଉଁ ଗୋଷ୍ଠୀ ପାଇଁ ତାହା ଜାଣିବା ନିହାତି ଆବଶ୍ୟକ ।

ସେ ନିଜକୁ କିଛି ପ୍ରଶ୍ନ ପଚାରିବା ଉଚିତ ଏବଂ ଗୋଷ୍ଠୀରେ ପରିବାର ସହ ସେଗୁଡିକ ଆଲୋଚନା କରିବା ଉଚିତ ।

- ଗୋଷ୍ଠୀର ପିଲାମାନେ ସୁସ୍ଥସବଳ ଏବଂ ସୁ-ପୋଷିତ କି ? ସେମାନେ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ?
- ପରିବାରଗୁଡିକର ଖାଦ୍ୟ ଅଭ୍ୟାସ ସବୁ କ'ଣ ?
- ସେମାନଙ୍କର ପସନ୍ଦ କ'ଣ ? ମା'ମାନେ ସେମାନଙ୍କ ପିଲାଙ୍କୁ କ୍ଷୀର ଦିଅନ୍ତି କି ? ସେମାନେ କଷ କ୍ଷୀରକୁ ଫିଙ୍ଗି ଦିଅନ୍ତି କି ? କେଉଁ ସମୟରେ ସେମାନେ ଅର୍ଦ୍ଧଦଗ୍ଧ/କଠିନ ଖାଦ୍ୟ ପିଲାଙ୍କୁ ଦେବା ଆରମ୍ଭ କରନ୍ତି ? ସେମାନେ ପତ୍ରଯୁକ୍ତ ପନିପରିବା ଏବଂ ପାଚିଲା ଫଳମୂଳ ଖାଆନ୍ତି କି ଏବଂ ଏଗୁଡିକୁ ସେମାନଙ୍କ ପିଲାଙ୍କୁ ଦିଅନ୍ତି କି ?
- ପିତାମାତାମାନେ ସେମାନଙ୍କୁ ଖେଳିବା ପାଇଁ ଅନୁମତି ଦିଅନ୍ତି କି ?
- ପିଲାମାନଙ୍କ ପାଖରେ କେଉଁ ପ୍ରକାରର ଖେଳ ସୁବିଧାମାନ ଉପଲବ୍ଧ ?
- ସେମାନେ ପିଲାମାନଙ୍କୁ ଟିକା ଦିଅନ୍ତି କି ? ଯଦି ନୁହେଁ କାହିଁକି ?
- ପରିବାର କେମିତି ପ୍ରାକ୍ ପ୍ରାଥମିକ ସୁବିଧା ସୁଯୋଗଗୁଡିକୁ କାମରେ ଲଗାନ୍ତି ?
- ଗୋଷ୍ଠୀରେ ପ୍ରାଥମିକ ସ୍କୁଲ ଅଛି କି ?

- ଗୋଷ୍ଠୀରେ ପରିବେଶଗତ ପରିମଳ କେମିତି ?
- ଗୋଷ୍ଠୀରେ ପିଇବା ପାଣିର ଉତ୍ସ କ'ଣ ? ଏହା ନିରାପଦ କି ? ଏହା ତରଳଝାଡ଼ା ଏବଂ ଅନ୍ୟାନ୍ୟ ରୋଗ ସୃଷ୍ଟି କରେ କି ?
- କୌଣସି ସାଧାରଣ ରୋଗ କିମ୍ବା ମହାମାରୀ ପାଖ ଜାଗାରେ ହେଉଛି କି ? ସେଗୁଡିକୁ ନିୟନ୍ତ୍ରଣ କରିବା ପାଇଁ କ'ଣ କ'ଣ ପଦକ୍ଷେପମାନ ନିଆଯାଉଛି ?
- ଗୋଷ୍ଠୀରେ ଅନ୍ୟ କିଛି ବିକାଶାତ୍ମକ କାର୍ଯ୍ୟ ହେଉଛି କି ?
- ଗୋଷ୍ଠୀର ମୁଖିଆ କିଏ ଏବଂ ଖେଳକେନ୍ଦ୍ର ନିମିତ୍ତ ଅନ୍ୟ କେଉଁ ସଂଗଠନମାନ କାମ କରୁଛନ୍ତି ?

ଆପଣ ଯଦି ଉପରୋକ୍ତ ପ୍ରଶ୍ନଗୁଡିକୁ ଆଉ ଥରେ ଦେଖନ୍ତି ଏହାର ଉତ୍ତରଗୁଡିକ ଗୋଷ୍ଠୀ ସମ୍ପର୍କରେ ଅନୁଭବ କରିବାର ସୁଯୋଗ ପ୍ରଦାନ କରିବ ଯାହାକି ଖେଳକେନ୍ଦ୍ରରେ ଶିକ୍ଷକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

### ନିଜେ ଚେଷ୍ଟା କରନ୍ତୁ

ଆପଣ ପ୍ରାକ୍ ପ୍ରାଥମିକ ବ୍ୟବସ୍ଥା ଥିବା ଗୋଟିଏ ଗୋଷ୍ଠୀକୁ ପରିଦର୍ଶନ କରନ୍ତୁ ଏବଂ ପ୍ରସ୍ତୁତ ଯାଞ୍ଚ ତାଲିକା ବ୍ୟବହାର କରି ଏହାର ବୈଶିଷ୍ଟ୍ୟ ଏବଂ ସାଧନଗୁଡିକୁ ବାହାର କରନ୍ତୁ । ଆପଣଙ୍କ ତାଲିକା ପୁସ୍ତକରେ ଏହାକୁ ଲିପିବଦ୍ଧ କରନ୍ତୁ ।

## ୩୦.୭ ଗୋଷ୍ଠୀର ଅନ୍ୟାନ୍ୟ ସଭ୍ୟସମୂହ

ଗୋଷ୍ଠୀର ଅନ୍ୟାନ୍ୟ ସଭ୍ୟସଭ୍ୟା, ମା' ବୟସ୍କା ଝିଅ ଏବଂ ପୁଅମାନେ ଖେଳକେନ୍ଦ୍ର ପରିଚାଳନାରେ ବିଭିନ୍ନ ଭାବରେ ନିମ୍ନ ଅନୁଯାୟୀ ସାମିଲ ହୋଇପାରନ୍ତି ।

- ଖେଳକେନ୍ଦ୍ରର ସ୍ୱଚ୍ଛତା ଏବଂ ସୁରକ୍ଷା ପରିଯୋଜନା,
- ଖେଳକେନ୍ଦ୍ରରେ ଏକ ବଗିଚାର ବିକାଶ କରାଇବା,
- ଖେଳକେନ୍ଦ୍ରରେ ସ୍ୱଚ୍ଛ ଜଳ ଯୋଗାଣର ବ୍ୟବସ୍ଥା କରିବା,
- ପୌଷ୍ଟିକ ରୋଷେଇ ଏବଂ ପରିବେଷଣ,
- ମା' ଏବଂ ଅନ୍ୟମାନଙ୍କୁ ସଭାସମିତି ଏବଂ ଶୈକ୍ଷିକ ଶ୍ରେଣୀ ପାଇଁ ଏକାଠି କରାଇବା,
- ଗୀତ, ଖେଳ, ଗପ ଏବଂ ଅଭିନୟ ଆଦି ଶିଖାଇବା ମାଧ୍ୟମରେ ଖେଳକେନ୍ଦ୍ରରେ ସମ୍ପୃକ୍ତ ହେବା,

- ଖେଳକେନ୍ଦ୍ରରେ ପର୍ବପର୍ବାଣୀ ଆୟୋଜନ କରିବା ।
- ଖେଳକେନ୍ଦ୍ରକୁ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ କରାଇବା ପାଇଁ ଗୋଷ୍ଠୀର ସହଯୋଗ ନେବା (ଯଥା ଖେଳକ୍ଷେତ୍ରକୁ ବାଡ ଦ୍ୱାରା ଆବଦ୍ଧ କରିବା),
- ଅନ୍ୟାନ୍ୟ କାର୍ଯ୍ୟରେ ଶିକ୍ଷକଙ୍କୁ ସହଯୋଗ କରିବା,
- ଖେଳକେନ୍ଦ୍ରର ଖେଳ ଉପକରଣର ରକ୍ଷଣାବେକ୍ଷଣରେ ସାହାଯ୍ୟ କରିବା ।

ବାସ୍ତବରେ ଗୋଷ୍ଠୀର ସଭ୍ୟସଭ୍ୟାମାନେ ଖେଳକେନ୍ଦ୍ରର ପ୍ରତ୍ୟେକ କାର୍ଯ୍ୟରେ ସମ୍ପୃକ୍ତ ହୋଇପାରିବେ ।

## ୩୦.୮ ଗୋଷ୍ଠୀର ଅବଦାନ

ଗୋଷ୍ଠୀ ମଧ୍ୟ ଖେଳକେନ୍ଦ୍ରକୁ ସମ୍ବଳ ପ୍ରଦାନରେ ନିମ୍ନ ଅନୁସାରେ ସମ୍ପୃକ୍ତ ହୋଇପାରେ:

(କ) ଖାଦ୍ୟ ସାମଗ୍ରୀ ଯଥା ଶସ୍ୟ ଜାତୀୟ ଓ ଡାଲି ଜାତୀୟ ଖାଦ୍ୟ ଯୋଗାଇବା । ଏଗୁଡିକ ଅମଳ ସମୟରେ ଯୋଗାଡ କରାଯାଇପାରେ,

(ଖ) ସ୍ଥାନୀୟ ପନିପରିବା ମୁଖ୍ୟତଃ ସବୁଜପତ୍ର ଯୁକ୍ତ ଏବଂ ପାଚିଲା ଓ ଶୁଖିଲା ପନିପରିବା,

(ଗ) ସ୍ଥାନୀୟ ଫଳ

(ଘ) ଖେଳ କେନ୍ଦ୍ର ପାଇଁ ଉପକରଣ ଯଥା ପୁରୁଣା ଟାୟାର, କାଠଗଡ ଇତ୍ୟାଦି

(ଙ) ଘରର କିମ୍ବା କାରିଗରମାନଙ୍କର ପରିତ୍ୟକ୍ତ ଦ୍ରବ୍ୟ ସମୂହ ଯଥା- ଖୋଲା ପ୍ଲାଷ୍ଟିକ୍ ବାକ୍ସ, ଖୋଳ, ମାଳି, ପୁରୁଣା ଖେଳଣା, କପଡାଖଣ୍ଡ, ଉଲ୍, ପୁରୁଣା ସମ୍ବାଦପତ୍ର, ପତ୍ରପତ୍ରିକା, କାଠଖଣ୍ଡ, କୁମ୍ଭାରମାଟି ଏବଂ ଅନେକ ଦ୍ରବ୍ୟ,

(ଚ) ଅର୍ଥ ଦାନ : ମନେ ରଖନ୍ତୁ ଗ୍ରହଣ କରାଯାଉଥିବା ଯେକୌଣସି ଅର୍ଥ ଏବଂ ସେହିପରି ତାର ଉପଯୋଗ (ଖର୍ଚ୍ଚ)ର ରେକର୍ଡ/ ତାଲିକା ସାବଧାନତାର ସହ ରଖିବେ ।

ଗୋଷ୍ଠୀର ସହଯୋଗ ଖେଳକେନ୍ଦ୍ର ପ୍ରତିଷ୍ଠା ଏବଂ ପରିଚାଳନାରେ ବ୍ୟକ୍ତି, ସ୍ଥାନୀୟ ନେତା, ଅନୁଷ୍ଠାନ ଏବଂ ପ୍ରତିଷ୍ଠାନର ସହଯୋଗ ମାଧ୍ୟମରେ ମୂଲ୍ୟାୟନ କରାଯାଇପାରିବ । ସ୍ଥାନୀୟ ଗୋଷ୍ଠୀର ସହଯୋଗ ଖେଳକେନ୍ଦ୍ର ପ୍ରତିଷ୍ଠା ପାଇଁ ଜମି, କୋଠାବାଡ଼ି, ଖାଦ୍ୟ, ଜାଳେଣି, ଶ୍ରମ, ବସ୍ତୁ ଆଦି ଯୋଗାଣ ଦ୍ୱାରା ପ୍ରଦର୍ଶିତ ହେବ । ଗୋଷ୍ଠୀର ପ୍ରଗତିଶୀଳ ସହଯୋଗ ସ୍ଥାନୀୟ ସମ୍ବଳର ବୃଦ୍ଧି ଏବଂ ବ୍ୟବହାର, ଏବଂ ବ୍ୟକ୍ତି ଏବଂ ହିତାଧିକାରୀଙ୍କ ବର୍ଦ୍ଧିତ ଦାନ ଏବଂ ସହଯୋଗ ଦ୍ୱାର ପ୍ରତିଫଳିତ ହୋଇପାରିବ ।

## ୩୦.୯ ଖେଳକେନ୍ଦ୍ର ପରିଚାଳନାରେ ମହିଳାମଣ୍ଡଳର ଭୂମିକା

ମହିଳା ମଣ୍ଡଳଗୁଡିକ ପଞ୍ଜୀକୃତ ମହିଳା ସଂଗଠନ । ସେମାନେ ଖେଳକେନ୍ଦ୍ର ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବେ ।

- ଖେଳକେନ୍ଦ୍ର ପରିଚାଳନାରେ ପିତାମାତାଙ୍କୁ ଉତ୍ସାହିତ କରିପାରିବେ, ସେମାନଙ୍କୁ ପିଲାମାନଙ୍କ ନାମ ଲେଖାଇବାରେ ଉତ୍ସାହିତ କରିପାରିବେ ଓ ଖେଳକେନ୍ଦ୍ର ପାଇଁ ସାମଗ୍ରୀ ଏବଂ ଖେଳ ଉପକରଣ ସଂଗ୍ରହ କରିପାରିବେ ।
- ନିୟମିତ ଭାବେ ଖେଳକେନ୍ଦ୍ରରେ ବୈଠକ/ ସଭାସମିତି କରିପାରିବେ ।
- ଖେଳକେନ୍ଦ୍ରର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀକୁ ସଚେତନ କରାଇପାରିବେ ।
- ଖେଳକେନ୍ଦ୍ରର ସଫଳ ପରିଚାଳନାରେ ଗୋଷ୍ଠୀର ସହଯୋଗ ପ୍ରୋତ୍ସାହିତ କରିପାରିବେ ।

## ୩୦.୧୦ ସହାୟକ ସେବା

ଗୋଟିଏ ଖେଳକେନ୍ଦ୍ରର ପରିଚାଳନା ପାଇଁ ସାମାଜିକ ସହଯୋଗ ଏକ ପ୍ରମୁଖ ଉପାଦାନ । ସହାୟତା ଶବ୍ଦର ଅର୍ଥ ହେଉଛି ବ୍ୟକ୍ତିର ପ୍ରବେଶ ଥିବା ସାମାଜିକ ସମ୍ପୃକ୍ତିର ପ୍ରକୃତି ଏବଂ ପରିସର । ଯେକୌଣସି ବ୍ୟକ୍ତି ଯାହାର ବିସ୍ତୃତ ସାମାଜିକ ସମ୍ପର୍କ ଅଛି, ତା ପାଖରେ ଅନେକ ନିର୍ଭରଯୋଗ୍ୟ ବ୍ୟକ୍ତି ଅଛନ୍ତି ଯାହାଙ୍କ ଠାରୁ ଉପଦେଶ ଓ ସହଯୋଗ ପାଇହେବ ।

ଗୋଟିଏ ଖେଳକେନ୍ଦ୍ରର ପ୍ରତିଷ୍ଠା ପାଇଁ ସାହାଯ୍ୟ କରୁଥିବା ସଂସ୍ଥାଗୁଡିକ ହେଲା :

- କେନ୍ଦ୍ରୀୟ ସାମାଜିକ ବୋର୍ଡ, ନୂଆଦିଲ୍ଲୀ
- ଭାରତୀୟ ବାଳବିକାଶ ପରିଷଦ, ନୂଆଦିଲ୍ଲୀ
- ବିଭିନ୍ନ ରାଜ୍ୟର ସାମାଜିକ କଲ୍ୟାଣ ନିର୍ଦ୍ଦେଶାଳୟ

ଏହି ସଂସ୍ଥାଗୁଡିକ ଅଭାବୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳକେନ୍ଦ୍ର/ଶିଶୁଗୃହ /ପ୍ରାକ୍-ପ୍ରାଥମିକ ସ୍କୁଲର ପୃଷ୍ଠପୋଷକତା କରନ୍ତି ।

## ପାଠଗତ ପ୍ରଶ୍ନାବଳୀ ୩୦.୩

୧. ଶୂନ୍ୟସ୍ଥାନ ପୂରଣ କର :

(କ) ଖେଳକେନ୍ଦ୍ରରେ ପିତାମାତାମାନେ ................. ମାନଙ୍କୁ ସହାୟତା ପ୍ରଦାନ କରିପାରିବେ ।

(ଖ) ଗୋଷ୍ଠୀ ସମ୍ପୃକ୍ତି ସ୍ଥାନୀୟ ସମ୍ବଳର .................. ଦ୍ୱାରା ପ୍ରତିଫଳିତ ହୁଏ ।

(ଗ) ଅମଳ ସମୟରେ ............................ ଏବଂ ................. ଗୋଷ୍ଠୀ ଦ୍ୱାରା ପ୍ରଦାନ କରାଯାଇପାରିବ ।

(ଘ) ................... ଏକ ପଞ୍ଜିକୃତ ସ୍ଥାନୀୟ ମହିଳା ସଂଗଠନ

୨. ଭୁଲ କି ଠିକ୍ ଉଲ୍ଲେଖ କର :

(କ) ଖେଳକେନ୍ଦ୍ରର ସଂଗଠନ ପାଇଁ ସାମାଜିକ ସହାୟତା ଏକ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷକ ଉପାଦାନ ନୁହେଁ । ସତ୍ୟ/ମିଥ୍ୟା

(ଖ) ମହିଳାମଣ୍ଡଳ ଗୋଷ୍ଠୀ ସହଯୋଗକୁ ଫଳପ୍ରଦ ଭାବେ ପ୍ରୋତ୍ସାହିତ କରିପାରିବ । ସତ୍ୟ/ମିଥ୍ୟା

(ଗ) ଖେଳକେନ୍ଦ୍ରରେ ବଗିଚାର ବିକାଶ କରାଇବାରେ ସମ୍ପ୍ରଦାୟର ପୂର୍ଣ୍ଣ ପ୍ରଚେଷ୍ଟା ହୋଇପାରିବ । ସତ୍ୟ/ମିଥ୍ୟା

(ଘ) ଗୋଷ୍ଠୀ ଦ୍ୱାରା ଖେଳକେନ୍ଦ୍ରକୁ ପୁରୁଣା ଟାୟାର, କାଠଗଣ୍ଡ ଯୋଗାଇ ଦିଆଯାଇପାରିବ । ସତ୍ୟ/ମିଥ୍ୟା

## ଆପଣ କ'ଣ ଶିଖିଲେ

- ଯେକୌଣସି ଖେଳକେନ୍ଦ୍ରରେ ପିତାମାତା ଏବଂ ଗୋଷ୍ଠୀ ସହଯୋଗ
  - ଖେଳକେନ୍ଦ୍ର-ଘର ସମ୍ପର୍କ
    - ଗୁରୁତ୍ୱ
      - ଶିକ୍ଷକଙ୍କ ଭୂମିକା
  - ପିତାମାତାଙ୍କ ସମ୍ପୃକ୍ତି
    - ପରିସର
      - ପ୍ରଣାଳୀ
  - ଗୋଷ୍ଠୀ ସମ୍ପୃକ୍ତି
    - କ'ଣ ?
      - କେମିତି
  - ମହିଳା ମଣ୍ଡଳର ଭୂମିକା
  - ସହାୟତା ସେବା

## ଅନ୍ତିମ ପ୍ରଶ୍ନାବଳୀ

୧. ଯେକୌଣସି ଖେଳକେନ୍ଦ୍ରରେ ଗ୍ରହଣ କରାଯାଇ ପାରିବା ବିଭିନ୍ନ ଗୋଷ୍ଠୀ ସମ୍ପୃକ୍ତି ପ୍ରଣାଳୀର ତାଲିକା ପ୍ରସ୍ତୁତ କର ଏବଂ ବର୍ଣ୍ଣନା କର ।

୨. ଗୋଟିଏ ମହିଳା ମଣ୍ଡଳ କେମିତି ଖେଳକେନ୍ଦ୍ରକୁ ସାହାଯ୍ୟ କରିପାରିବ ?

୩. ଗୋଷ୍ଠୀର ସହଯୋଗ ପାଇଁ ସଂଗଠିତ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବା ପାଇଁ ଗୋଟିଏ ଖେଳକେନ୍ଦ୍ରର ଶିକ୍ଷକଙ୍କ ସହିତ ସାକ୍ଷାତକାର କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୩୦.୧**

୧. (କ) ପିତାମାତା (ଖ) ଶିକ୍ଷକ ଶିକ୍ଷୟିତ୍ରୀଙ୍କ

(ଗ) ସକାରାତ୍ମକ (ଘ) ସମ୍ମାନ

୨. (i) ପିତାମାତା (ii) ପିତାମାତା

(iii) ଶିକ୍ଷକ/ଶିକ୍ଷୟିତ୍ରୀ (iv) ପିଲା

**୩୦.୨**

୧. (କ) ଶିକ୍ଷକ (ଖ) ଜ୍ଞାନ (ଗ) ଘର ପରିଦର୍ଶନ

(ଘ) ନିୟମିତ ଭାବେ (ଙ) ପିତାମାତାଙ୍କ

୨. ବହି ଦେଖନ୍ତୁ

**୩୦.୩**

୧. (କ) ଶିକ୍ଷକ/ଶିକ୍ଷୟିତ୍ରୀ (ଖ) ବିନିଯୋଗ

(ଗ) ଶସ୍ୟ, ଡାଲି ଜାତୀୟ (ଘ) ମହିଳା ମଣ୍ଡଳ

୨. (କ) ମିଥ୍ୟା (ଖ) ସତ୍ୟ

(ଗ) ସତ୍ୟ (ଘ) ସତ୍ୟ